**କଥା ରଖିଲେ ମୁଖ୍ୟମନ୍ତ୍ରୀ**

# ୟୁନାଇଟେଡ ଫୋରମ୍ ଓ ଫାଇଟର୍ସ ଗ୍ରୁପର କୃତଜ୍ଞତା







**ବରଗଡ଼, ୨୦।୨(ସମିସ)**

ବରଗଡ଼ ଜିଲ୍ଲାର ଜନସାଧାରଣଙ୍କ ଦୀର୍ଘ ଦିନର ପ୍ରତୀକ୍ଷା ପରେ ମଙ୍ଗଳବାର ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବରଗଡ଼ କେନସର ହସପିଟାଲକୁ ଆନୁଷ୍ଠାନିକ ଉଦଘାଟନ କରିଛନ୍ତି। ଏବଂ ଆଜି ତାର ଶୁଭ ଉଦଘାଟନ କରିଥିବାରୁ ଧନ୍ୟବାଦ ଦେବାସହ ସମ୍ବର୍ଦ୍ଧିତ କରିଥିଲେ। ଉପସ୍ଥିତ ସଦସ୍ୟମାନେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ମଧ ଧନ୍ୟବାଦ ଦେବା ସହ ସମ୍ବର୍ଦ୍ଧିତ କରିଥିଲେ। ଏହାସହ ସମସ୍ତେ ବରଗଡ଼ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଦେବେଶ ଆଚାର୍ଯ୍ୟଙ୍କୁ ମଧ ସାମାଜିକ ଅନୁଷ୍ଠାନଙ୍କୁ ନେଇ ୟୁନାଇଟେଡ଼ ଫୋରମ୍ ଫର୍ କେନସର ହସପିଟାଲ ନାମରେ ଏକ ସଂସ୍ଥାର ବ୍ୟାନର ତଳେ ଏକତ୍ରିତ ହୋଇ ବରଗଡ଼ଠାରେ ଏକ କେନସର ହସପିଟାଲ ନିର୍ମାଣ ଦାବି ନେଇ ଆନ୍ଦୋଳନ କରିଥିଲେ। ଫଳରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆନ୍ଦୋଳନକାରୀଙ୍କୁ ଭୁବନେଶ୍ୱର ଓଡ଼ିଶା କ୍ୟାନ୍ସର କେୟାର ଫାଉଣ୍ଡେସନର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ଆଚାର୍ଯ୍ୟ ହରିହର କ୍ୟାନସର ହସ୍ପିଟାଲ୍ ର ନିର୍ଦ୍ଦେଶକ ଡ. ଲଲାଟେନ୍ଦୁ ଷଡ଼ଙ୍ଗୀଙ୍କ ନେତୃତ୍ୱରେ ଏକ ଉଚ୍ଚସ୍ତରୀୟ ବୈଷୟିକ ଦଳ ଖେଦାପାଲି ହସ୍ପିଟାଲ୍ ପରିସରରେ କ୍ୟାନସର ହସ୍ପିଟାଲ୍ ପାଇଁ ସ୍ଥାନ ପରୀକ୍ଷଣ ଓ ଜିଲ୍ଲା ପ୍ରଶାସନ,








ବିଜେପୁର ବ୍ଲକ କନପାଲିଠାରେ ଅନୁଷ୍ଠିତ ସଭାରେ ମୁଖ୍ୟମନ୍ତ୍ରୀ ବିଜେପୁର ଗଙ୍ଗାଧର ଉଠା ଜଳସେଚନ ପ୍ରକଳ୍ପ ଓ ବରଗଡ଼ କ୍ୟାନସର ହସ୍ପିଟାଲ ସମେତ ବହୁ ଗୁଡ଼ିଏ ପ୍ରକଳ୍ପ ଲୋକାର୍ପଣ ସହ ଅନେକ ପ୍ରକଳ୍ପର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ଅବସରରେ ଜିଲ୍ଲା ରେ ଦୀର୍ଘଦିନ ଧରି କେନସର ହସପିଟାଲ ନିର୍ମାଣ ପାଇଁ ଆନ୍ଦୋଳନ କରିଥିବା ୟୁନାଇଟେଡ଼ ଫୋରମ୍ ଫର୍ କେନସର ହସପିଟାଲ ଓ ଫାଇଟର୍ସ ଗ୍ରୁପ ପକ୍ଷରୁ ମୂଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକଙ୍କୁ ସଭା ସ୍ଥଳରେ ପହଞ୍ଚିବା ପରେ ନିଜର ପ୍ରତିଶ୍ରୁତି ରକ୍ଷାକରି ମୁଖ୍ୟମନ୍ତ୍ରୀ ବରଗଡ଼ରେ ଏକ କେନସର ହସପିଟାଲ ଭେଟି ଦେଇଥିବାରୁ ଏହି ହସପିଟାଲ ପାଇଁ କରିଥିବା ନିଷ୍ଠାପର ଉଦ୍ୟମ ପାଇଁ ସାଧୁବାଦ ଦେବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ପ୍ରତିନିଧିମଣ୍ଡଳୀରେ ୟୁନାଇଟେଡ଼ ଫୋରମ୍ ଫର୍ କ୍ୟାନ୍ସର ହସ୍ପିଟାଲ ଓ ଫାଇଟର୍ସ ଗ୍ରୁପ ପକ୍ଷରୁ କୃଷ୍ଣଚନ୍ଦ୍ର ପଣ୍ଡା, ଡ. ରାଜେଶ ତ୍ରିପାଠୀ, ରବି ପଣ୍ଡା, କମଳ ଯୋଶୀ, ପ୍ରତାପ ଦାଶ, ଅଭିଜିତ ପ୍ରତିହାର, ଗୋବିନ୍ଦ ଦାଶ, ଦୀପକ ରଥ, ଭରତ ସାହୁ, ଅଜୟ ବାଦି, ରଶ୍ମିତା ଭୋଇ, ଗୋପାଳ ଶର୍ମା ପ୍ରମୁଖ ସାମିଲ ଥିଲେ।

ଜିଲ୍ଲାରେ ଏକ କ୍ୟାନସର ହସ୍ପିଟାଲ୍ ର ପ୍ରତିଷ୍ଠା ନିହାତି ଜରୁରୀ ବୋଲି ଉପଲବ୍ଧି କରି ବରଗଡ଼ର ସଚେତନ ବୁଦ୍ଧିଜୀବୀ ସହରର ପ୍ରାୟ ସମସ୍ତ ଡକାଇ ସଚିବାଳୟ ଠାରେ ୨୦୧୯ ଜାନୁୟାରୀ ୧୧ ତାରିଖରେ ଆଲୋଚନା କରି ଜିଲ୍ଲାବାସୀଙ୍କ ଦାବିକୁ ସେ ହୃଦୟଙ୍ଗମ କରିଛନ୍ତି। ଏହା ଉପରେ ଗୁରୁତର ସହ ବିଚାର କରୁଛନ୍ତି ବୋଲି ପ୍ରତିଶ୍ରୁତି ଦେଇଥିଲେ। ସେହିବର୍ଷ ଫେବୃୟାରୀ ୨୧ ତାରିଖରେ ମୁଖ୍ୟମନ୍ତ୍ରୀ ସୋହେଲା ଇଛାପାଲିରେ ଏକ ସାଧାରଣ ସଭାରେ ବରଗଡ଼ଠାରେ କେନସର ହସପିଟାଲ ନିର୍ମାଣର ଘୋଷଣା କରିଥିଲେ। ପରବର୍ତ୍ତୀ ସମୟରେ ୨୦୨୦ ଜାନୁୟାରୀ ୨୧ ତାରିଖରେ ବରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଲୋକାର୍ପଣ ଅବସରରେ ପୁଣି ଠାରେ କେନସର ହସିପଟାଲ ନିର୍ମାଣ ନେଇ ଘୋଷଣା କରିଥିଲେ ଏବଂ ସେହିବର୍ଷ ଫେବୃୟାରୀ ମାସରେ ଜିଲ୍ଲା ଚିକିତ୍ସା ବିଭାଗ ର ବରିଷ୍ଠ ଅଧିକାରୀମାନଙ୍କ ସହ ବିଧିବଦ୍ଧ ଆଲୋଚନା କରିବା ପରେ ବରଗଡ଼ ଠାରେ କ୍ୟାନ୍ସର ହସ୍ପିଟାଲ ପ୍ରତିଷ୍ଠାର ଉଜ୍ଜ୍ୱଳ ସମ୍ଭାବନା ସୃଷ୍ଟି ହୋଇଥିଲା। ପରେ ଓଡ଼ିଶା ସରକାର ୨୦୨୨ ଅକ୍ଟୋବର ମାସରେ ବରଗଡ଼ କ୍ୟାନସର ହସ୍ପିଟାଲ୍ ନିର୍ମାଣ ପାଇଁ ପ୍ରଶାସନିକ ସ୍ୱୀକୃତି ପ୍ରଦାନ କରିଥିଲେ ଓ ତପ୍ରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ୧୦୬ କୋଟି ୬ ଲକ୍ଷ ଟଙ୍କାର ବ୍ୟୟ ଅଟକଳରେ ୧୦୦ ଶଯ୍ୟା ବିଶିଷ୍ଟ କ୍ୟାନ୍ସର ହସ୍ପିଟାଲ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ରେକର୍ଡ ଦୁଇ ବର୍ଷ ମଧ୍ୟରେ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ଆଜି ବିଧିବଦ୍ଧ ଭାବରେ ଉଦ୍‌ଘାଟିତ ହୋଇଛି।







## ଜୟ ମା' ସମଲେଶ୍ୱରୀ କହି ମୁଖ୍ୟମନ୍ତ୍ରୀ ଆରମ୍ଭ କଲେ ନିଜ ଅଭିଭାଷଣ

**ବରଗଡ଼, ୨୦।୨(ସମିସ):** ଜୟ ମା' ସମଲେଶ୍ୱରୀ କହି ବିଜେପୁର କନାପାଲିଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଜ ଅଭିଭାଷଣ ଆରମ୍ଭ କରି ବରଗଡ଼ ଜିଲ୍ଲାବାସୀଙ୍କ କଲ୍ୟାଣ ପାଇଁ ବିଭିନ୍ନ ପ୍ରକଳ୍ପ ନେଇ ବହୁତ ଖୁସିଥିବା କହିଥିଲେ। ଏ ମାଟିର ସନ୍ତାନ ଓଡ଼ିଶାର ଗର୍ବ ସ୍ୱଭାବ କବି ଗଙ୍ଗାଧର ମେହେର ଏବଂ ମହାନ ସ୍ୱାଧୀନତା ସଂଗ୍ରାମୀ ପାର୍ବତୀ ଗିରିଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ ମୁଖ୍ୟମନ୍ତ୍ରୀ। ସେହିପରି କଳା ସଂସ୍କୃତିର ମାଟି ବରଗଡ଼ର ବୁଣାକାର ସମଗ୍ର ବିଶ୍ୱରେ ଓଡ଼ିଶାର ପରିଚୟ ସୃଷ୍ଟି କରିଛନ୍ତି ବୋଲି କହିବା ସହ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରକଳ୍ପ, ସମଲେଇ ପ୍ରକଳ୍ପ ଭକ୍ତମାନଙ୍କୁ ସୁନ୍ଦର ଅନୁଭୂତି ଆଣି ଦେଇଥିବା ବେଳେ ନୃସିଂହନାଥ ମନ୍ଦିରର ରୂପାନ୍ତରଣ କାର୍ଯ୍ୟ ଶେଷ ହୋଇଛି। ଏସବୁ ପ୍ରକଳ୍ପ ଓଡ଼ିଶାର ଗୌରବକୁ ଆହୁରି ବୃଦ୍ଧି କରିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସେହିପରି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଦ୍ୱାରା ୪ କୋଟି ଓଡ଼ିଶାବାସୀ ଉପକୃତ ହେଉଛନ୍ତି ଏବଂ ଲକ୍ଷ୍ମୀ ବସ ଯୋଜନା, ସ୍କୁଲ ରୂପାନ୍ତରଣ, ଜଳସେଚନ ଆଦ ବିଭିନ୍ନ ଯୋଜନା ରାଜ୍ୟ ସରକାର କରିଛନ୍ତି। ଓଡ଼ିଶା ସାରା ଦେଶକୁ ଖାଦ୍ୟ ଯୋଗାଉଥିବା ବେଳେ ଏଥିରେ ବରଗଡ଼ ଜିଲ୍ଲାର ଚାଷୀଙ୍କ ବିଶେଷ ଅବଦାନ ରହିଛି ବୋଲି କହିବା ସହ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଘୋଷିତ କେନସର ହସପିଟାଲ ପୂରଣ ହୋଇଥିବା କହିଥିଲେ। ଏହାଦ୍ୱାରା ପଶ୍ଚିମ ଓଡ଼ିଶାର ରୋଗୀ ଉପକୃତ ହୋଇପାରିବେ। ସେହିପରି ଆଗାମୀ ଦିନରେ ଏକ ହଜାର କୋଟିରୁ ଅଧିକ ବ୍ୟୟରେ ୧୧ଟି ଆହୁରି କେନସର ହସପିଟାଲ ନିର୍ମାଣ ହେବ ବୋଲି କହିଥିଲେ। ଗଙ୍ଗାଧର ମେହେର ଉଠା ଜଳସେଚନ ପ୍ରକଳ୍ପ ଉଦଘାଟନ ପରେ ଆଜି ସୋହେଲା, ବିଜେପୁର, ବରପାଲି, ଡୁଙ୍ଗୁରିପାଲି ଅଞ୍ଚଳ ପାଇଁ ଖୁସିର ଦିନ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିବା ସହ ସମସ୍ତେ ମିଶି ନୂଆ ଓଡ଼ିଶା ଗଢ଼ିବା ବୋଲି କହିଥିଲେ।

## ୩୫ ମିଟର ଉଚ୍ଚ ଜାଗାକୁ ହୀରାକୁଦରୁ ପହଞ୍ଚିଲା ପାଣି: କାର୍ତ୍ତିକ ପାଣ୍ଡିଆନ

ବରଗଡ଼ ବିଧାୟକଙ୍କ ଅନୁରୋଧକ୍ରମେ କିଛି ବାଦ୍ ପଡ଼ିଥିବା ଗାଁର ଚାଷ ଜମିକୁ ଜଳସେଚନ କରାଯିବ ବୋଲି ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ପ୍ରତିଶ୍ରୁତି ଦେଇଥିଲେ। ୩୫ ମିଟର ତଳେ ଥିବା ହୀରକୁଦ ଜଳଭଣ୍ଡାରରୁ ବିଜେପୁରକୁ ପହଞ୍ଚାଇବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଏକ ଦୃଢ଼ ଇଚ୍ଛା ଶକ୍ତିର ଫଳ ବୋଲି କହିଥିଲେ। ସେହିପରି ନୃସିଂହନାଥ ପୀଠ ଓ ହରିଶଙ୍କର ମନ୍ଦିର ରୂପାନ୍ତରଣ କାର୍ଯ୍ୟ ସହ କେନ୍ଦୁପତ୍ର ତୋଳାଳୀଙ୍କ ପାଇଁ ଟେକ୍ସ ଛାଡ କରିଛନ୍ତି ମୁଖ୍ୟମନ୍ତ୍ରୀ। ଛାତ୍ରବୃତ୍ତି, କଳାକାର ଭତ୍ତା ବୃଦ୍ଧି ପରି ରାଜ୍ୟ ସରକାରଙ୍କ ବିଭନ୍ନ ଜନହିତକର କାର୍ଯ୍ୟ ବିଷୟରେ ୫-ଟି ଅଧ୍ୟକ୍ଷ ସୂଚନା ଦେଇଥିଲେ।

## ଭାରତର ସର୍ବଶ୍ରେଷ୍ଠ ମୁଖ୍ୟମନ୍ତ୍ରୀ : ଦେବେଶ ଆଚାର୍ଯ୍ୟ

୨୪ ବର୍ଷ ଧରି ଭାରତର ସର୍ବଶ୍ରେଷ୍ଠ ମୁଖ୍ୟମନ୍ତ୍ରୀ ହୋଇପାରିଥିବା ନବୀନ ପଟ୍ଟନାୟକ କଥାରେ ନୁହେଁ କାମରେ ବିଶ୍ୱାସ କରୁଥିବା ବେଳେ ଗଙ୍ଗାଧର ମେହେର ଉଠା ଜଳସେଚନ ପ୍ରକଳ୍ପ ରେକର୍ଡ ସମୟରେ ପୁରା କରିଛନ୍ତି ବୋଲି ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ କହିବା ସହ ମୁଖ୍ୟମନ୍ତ୍ରୀଙ୍କୁ କୋଟି କୋଟି ପ୍ରଣାମ କରିଥିଲେ। ବିଧାୟକ ଆଚାର୍ଯ୍ୟ ଏହି ପ୍ରକଳ୍ପ ଦ୍ୱାରା ବାଦ ପଡ଼ିଥିବା ଗାଁଗୁଡ଼ିକୁ ସାମିଲ କରାଯାଇ ଜଳସେଚନ ସୁବିଧା ଯୋଗାଇ ଦେବାକୁ ନିବେଦନ କରିଥିଲେ। ବ୍ୟାପକ ଜଳସେଚନ ଯୋଗୁଁ କିଛି ବର୍ଷ ମଧ୍ୟରେ ଖାଦ୍ୟ ଶସ୍ୟ ଉତ୍ପାଦନ ବୃଦ୍ଧି ପାଇଛି, ଯାହାକି ମୁଖ୍ୟମନ୍ତ୍ରୀ ଏକ ସଫଳ ପ୍ରୟାସ ବୋଲି କହିଥିଲେ। ସେହିପରି କେନସର ହସପିଟାଲ ନିର୍ମାଣ ନେଇ ସେ ଦେଇଥିବା ପ୍ରତିଶ୍ରୁତି ପୁରା କରିଥିବା ବେଳେ ବରଗଡ଼ରେ ଏକ ମେଡିକାଲ କଲେଜ ସ୍ଥାପନ ନେଇ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ।

## ବିକାଶ ପୁରୁଷ ନବୀନ ପଟ୍ଟନାୟକ: ସ୍ନେହାଙ୍ଗିନୀ ଛୁରିଆ

ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ହେଉଛନ୍ତି ଜଣେ ବିକାଶ ପୁରୁଷ। ଓଡ଼ିଶାକୁ ବିକଶିତ ରାଜ୍ୟ କରିବା ପାଇଁ ସବୁ ବେଳେ ଚେଷ୍ଟିତ ବୋଲି ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ କହିବା ସହ ବରଗଡ଼ ଜିଲ୍ଲାରେ କେନସର ହସପିଟାଲ ନିର୍ମାଣ ଠାରୁ ଆରମ୍ଭ କରି ନୃସିଂହନାଥ ପୀଠର ରୂପାନ୍ତରଣ ମୁଖ୍ୟମନ୍ତ୍ରୀଙ୍କ ଏକ ବିକାଶର ଉଦାହରଣ ବୋଲି କହିଥିଲେ। ସନ୍ଥକବି ଭୀମ ଭୋଇଙ୍କ ବାଣୀଙ୍କୁ ଆଦର୍ଶ ଭାବେ ଗ୍ରହଣ କରିଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସାରା ରାଜ୍ୟବାସୀଙ୍କୁ ଏକ ନମ୍ବର ଭାବରେ ଦେଖିବାକୁ ଚାହୁଁଛନ୍ତି ବୋଲି ବିଧାୟିକା ଛୁରିଆ ନିଜ ବକ୍ତବ୍ୟରେ ପରିପ୍ରକାଶ କରିବା ସହ ନୂତନ ଓଡ଼ିଶା ନବୀନ ଓଡ଼ିଶାରେ ସହାୟକ ହେବାକୁ ଆହ୍ୱାନ ଦେଇଥିଲେ।

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲା ଜିଲ୍ଲା କ୍ରିୟାନୁଷ୍ଠାନ କମିଟି

ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ କାର୍ତ୍ତିକ ପାଣ୍ଡିଆନଙ୍କୁ ଉଡାଜାହାଜ ପଡିଆରେ ଜିଲ୍ଲା କ୍ରିୟାନୁଷ୍ଠାନ କମିଟିର ସଦସ୍ୟ ଅଜିତ ଶତପଥୀଙ୍କ ସହିତ ସନ୍ତୋଷ ଶତପଥୀ, ପ୍ରତାପ ମିଶ୍ର ପ୍ରମୁଖ ଦେଖାକରି ପଦ୍ମପୁର ଉପଖଣ୍ଡକୁ ଜିଲ୍ଲା ଘୋଷଣା ମାନ୍ୟତା ପ୍ରଦାନ ସମ୍ପର୍କିତ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏହାସହ ବରଗଡ, ନୂଆପଡା ରେଳଲାଇନକୁ ନେଇ ମଧ ପୃଥକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏ ସଂକ୍ରାନ୍ତରେ ଧାରଣାସ୍ଥଳରେ କ୍ରିୟାନୁଷ୍ଠାନ କମିଟିର ଏକ ବୈଠକରେ ଉପସ୍ଥିତ ହୋଇ ଭବିଷ୍ୟତ କାର୍ଯ୍ୟପନ୍ଥା ନେଇ ନିଜ ନିଜର ମତାମତ ପ୍ରଦାନ କରାଯିବାକୁ ସମସ୍ତଙ୍କୁ ଅନୁରୋଧ କରାଯାଇଛି।

## 'ସନ୍ଦୀହାନ ଚାଷୀର ଆଶା ପୂରଣ ହୋଇଛି'

ଗଙ୍ଗାଧର ଉଠା ଜଳସେଚନ ପ୍ରକଳ୍ପ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଉଦଘାଟନ ହେବା ପରେ ଆଜିର ଦିନ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇଛି। ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ନାମରେ ନାମିତ ଏହି ପ୍ରକଳ୍ପ ଏକ ସାଧାରଣ ପ୍ରକଳ୍ପ ନୁହେଁ। ମରୁଡ଼ି ପ୍ରପୀଡିତ ଏ ଅଞ୍ଚଳକୁ ହୀରାକୁଦରୁ ପାଣି ପହଞ୍ଚିବା ଚାଷୀର ଆଶା ବାହାରେ ଥିଲା। ଏହି ପ୍ରକଳ୍ପକୁ ନେଇ ସନ୍ଦିହାନ ହୋଇଥିବା ଚାଷୀର ଆଶା ଆଜି ମୁଖ୍ୟମନ୍ତ୍ରୀଙ୍କ ଅଦ୍ୟମ ଇଚ୍ଛା ଶକ୍ତି ଯୋଗୁଁ ପୂରଣ ହୋଇଛି। ଯାହାକୁ ନେଇ ଚାଷୀନେତା କିଶୋର ଦେବତା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମେତ ଜଳସମ୍ପଦ ବିଭାଗକୁ କୃତଜ୍ଞତା ଜଣାଇଛନ୍ତି।

# ବିଭିନ୍ନ ବ୍ଲକ୍‌ରେ ଉତ୍ସାହର ସହ ପରୀକ୍ଷା ଦେଲେ ଛାତ୍ରଛାତ୍ରୀ

**ଭଟଲି, ୨୦।୨(ସମିସ)**

ମାଟ୍ରିକ ବୋର୍ଡ ପରୀକ୍ଷା ପାଇଁ ଭଟଲି ସରକାରୀ ଉଚ୍ଚ ବିଦ୍ୟାଳୟ, ସତୀହାରୀ ବାଳିକା ଉଚ୍ଚ ବିଦ୍ୟାଳୟ,





କମଗାଁ ଉଚ୍ଚ ବିଦ୍ୟାଳୟ, ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ, ଗୌଡଗାଁ, ମୁରୁମକେଲ ଉଚ୍ଚ ବିଦ୍ୟାଳୟ, ଲକ୍ଷ୍ମୀନାରାୟଣ ଉଚ୍ଚ ବିଦ୍ୟାଳୟ, ନୂଆଁଗଡ ପରୀକ୍ଷା କେନ୍ଦ୍ରରେ ମୋଟ ୧୧୨୪ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ପ୍ରଥମ ଦିନ ମାତୃଭାଷା ଓଡିଆ ପରୀକ୍ଷାରେ ୧୧୧୭ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ୭ ଜଣ ଅନୁପସ୍ଥିତ ଥିଲେ। ସମସ୍ତ ପରୀକ୍ଷା କେନ୍ଦ୍ରରେ ଜିଲ୍ଲାର ବରିଷ୍ଠ ପ୍ରଧାନଶିକ୍ଷକଙ୍କୁ ପର୍ଯ୍ୟବେକ୍ଷକ ଭାବେ ନିୟୋଜିତ କରାଯାଇଛି। ସମସ୍ତ ପ୍ରକ୍ରିୟାକୁ ତଦାରଖ କରିବା ପାଇଁ ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନର ଶିକ୍ଷକ ପ୍ରଶିକ୍ଷକଙ୍କୁ ସୁପରଭାଇଜର ଭାବେ ଦାୟିତ୍ୱ ନ୍ୟସ୍ତ କରାଯାଇଥିବାବେଳେ ଭଟଲି ବିଇଓ ସରୋଜ ଭୁଏଙ୍କୁ ବୋର୍ଡ ତରଫରୁ ସ୍ପେସାଲ ସ୍କ୍ୱାଡ ରୂପେ ଦାୟିତ୍ୱ ଦିଆଯାଇଛି।

**ଭେଡେନ:** ଭେଡେନ ବ୍ଲକର ବିଭିନ୍ନ ସ୍କୁଲରେ ୧୪୨୧ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୧୩୮୩ ଜଣ ପରୀକ୍ଷା ଦେଇଛନ୍ତି। ସିଆଳଖଣ୍ଡହତା ସରକାରୀ ସ୍କୁଲରେ ୧୮୯ଜଣ, ଝରାପାଲି ସ୍କୁଲରେ ୧୮୪ଜଣ, ବରପଦର ସ୍କୁଲରେ ୧୮୮ଜଣ, ସୂର୍ଯ୍ୟମଣି ଜନତା ହାଇସ୍କୁଲରେ ୧୭୬ଜଣ, ତାଳମେଣ୍ଡା ସ୍କୁଲରେ ୧୭୩ଜଣ, ସାଲନା ସ୍କୁଲରେ ୧୪୯ଜଣ, ଚିଚିଣ୍ଡା ସ୍କୁଲରେ ୧୩୬ଜଣ, ରେମଣ୍ଡା ସ୍କୁଲରେ ୧୮୮ଜଣ ବିଦ୍ୟାଥୀ ପରୀକ୍ଷା ଦେଇଥିବା ବେଳେ ମାଧ୍ୟମା ପରୀକ୍ଷାରେ ସୂର୍ଯ୍ୟମଣି ଜନତା ହାଇସ୍କୁଲରେ ୪୧ଜଣ ପରୀକ୍ଷା ଦେଇଥିବା ଭେଡେନ ଶିକ୍ଷାଧିକାରୀ ମଛେନ୍ଦ୍ର ମଲ୍ଲିକ ସୂଚନା ଦେଇଛନ୍ତି।

**ଅମ୍ବାଭୋନା:** ଅମ୍ବାଭୋନା ବ୍ଲକର ୧୪ଟି ଉଚ୍ଚ ବିଦ୍ୟାଳୟର ୭୫୧ ଜଣ ଛାତ୍ରଛାତ୍ରୀ ଚଳିତ ବର୍ଷ ୪ଟି ପରୀକ୍ଷା କେନ୍ଦ୍ରରେ ମେଟ୍ରିକ୍ ପରୀକ୍ଷା ଦେଇଛନ୍ତି। ଭୁକ୍ତାସ୍ଥିତ ଜନତା ଉଚ୍ଚ ବିଦ୍ୟାଳୟରେ ମୋଟ ୧୫୪ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୭୬ ଜଣ ଛାତ୍ରୀ ଓ ୭୮ ଜଣ ଛାତ୍ର ପରୀକ୍ଷା ଦେଇଛନ୍ତି। ଡୁଙ୍ଗୁରିସ୍ଥିତ ବୀର ସୁରେନ୍ଦ୍ର ସାଏ ଉଚ୍ଚ ବିଦ୍ୟାଳୟରେ ମୋଟ ୨୧୪ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୦୨ ଜଣ ଛାତ୍ରୀ ଓ ୧୧୨ ଜଣ ଛାତ୍ର ପରୀକ୍ଷା ଦେଇଛନ୍ତି। ରୁଚିଦା ପୁରୁଷୋତ୍ତମ ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ୨୧୩ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୦୬ ଜଣ ପରୀକ୍ଷାର୍ଥୀ ଉପସ୍ଥିତ ରହିଥିଲେ। ୭ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିଲେ। ୮୯ଜଣ ଛାତ୍ରୀ ଓ ୧୧୭ ଜଣ ଛାତ୍ର ପରୀକ୍ଷା ଦେଇଛନ୍ତି। ସେହିପରି କେଦାରନାଥ ଆଦିବାସୀ ଉଚ୍ଚ ବିଦ୍ୟାଳୟରେ ୮୦ଜଣ ଛାତ୍ରୀ ଓ ୯୭ ଜଣ ଛାତ୍ର ପରୀକ୍ଷା ଦେଇଛନ୍ତି। ୪ ଜଣ ଛାତ୍ରଛାତ୍ରୀ ଅନୁପସ୍ଥିତ ଥିଲେ। ଅମ୍ବାଭୋନା ଗୋଷ୍ଠୀ ଶିକ୍ଷାଧିକାରୀ ସୁଶ୍ରୀ ଭାବନା ସାହୁଙ୍କ ତତ୍ତ୍ୱାବଧାନରେ ୪ଟି ଯାକ ପରୀକ୍ଷା କେନ୍ଦ୍ରରେ ୩୨ ଜଣ ପରୀକ୍ଷକ ନିଯୁକ୍ତ ହୋଇଥିଲେ।

## ସାପ କାମୁଡ଼ିବାରୁ ବାଳକ ମୃତ

**ଭେଡେନ, ୨୦।୨ (ସମିସ):** ଭେଡେନ ବ୍ଲକ ଗର୍ଡନା ଗ୍ରାମର ତଥା ରକ୍ଷୁଡା ହାଇସ୍କୁଲର ନବମ ଶ୍ରେଣୀ ଛାତ୍ର ଆଲୋକ ସେଟଙ୍କୁ ସାପ କାମୁଡ଼ିଦେବାରୁ ସୋମବାର ମଧ୍ୟରାତ୍ରିରେ ମୃତ୍ୟୁ ଘଟିଛି। ସେ ଯନି ସାଙ୍ଗ ମାନଙ୍କ ସହ କ୍ରିକେଟ ଖେଳୁଥିବାବେଳେ ବଲ୍ ଗୋଟାଇବାକୁ ଯାଇଥିଲେ। ସନ୍ଧ୍ୟାରେ ଏକ ବିଷଧର ସାପ କାମୁଡି ଦେଇଥିଲା। ପରିବାର ଲୋକେ ଏହା ଜାଣି ପ୍ରଥମେ ଗୁନିଆଁ ପାଖକୁ ନେଇ ଫୁଙ୍କଫୁଙ୍କି କରିଥିଲେ। ପରେ ଅଧିକ ଗୁରୁତର ହେବାରୁ ବୁର୍ଲା ନେଇଥିଲେ। ବାଟରେ ହି ମୃତ୍ୟୁ ଘଟିଥିବା ଡାକ୍ତର ପ୍ରକାଶ କରିଛନ୍ତି।




ସିଟି ମଣ୍ଟେସୋରି
ସିଦ୍ଧାର୍ଥ ନଗର, ଦ୍ୱିତୀୟ ଗଳି, ବ୍ରହ୍ମପୁର, ଗଞ୍ଜାମ
ନାମଲେଖା ବିଜ୍ଞାପନ (୨୦୨୪-୨୫)
ଏତଦ୍ୱାରା ସର୍ବସାଧାରଣଙ୍କୁ ଅବଗତ କରାଇ ଦିଆଯାଉଛି ଯେ, ୨୦୦୯ ଶିକ୍ଷା ଆଇନ ତଥା ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ୧ମ ଶ୍ରେଣୀରେ ପ୍ରବେଶ ନିମନ୍ତେ RTE Act (ସେକ୍ସନ ପି-୯ ଆଇସି) ଅନୁଯାୟୀ ୨୫% ସ୍ଥାନ ବିନା ଶୁଳ୍କ ଏସ୍‌ସି, ଏସ୍‌ଟି, ଏସିବିସି, ସିଡବ୍ଲୁଏସ୍‌ଏନ, ବିପିଏଲ (ଅନୁସୂଚିତ ଜାତି / ଅନୁସୂଚିତ ଉପଜାତି / ସାମାଜିକ ଅନଗ୍ରସର / ଶିକ୍ଷା କ୍ଷେତ୍ରରେ ପଛୁଆ ବର୍ଗ ଏବଂ ଆର୍ଥିକ ଦୁର୍ବଳ ଶ୍ରେଣୀର) ଶିଶୁମାନେ ହିଁ ଯୋଗ୍ୟ ବିବେଚିତ ହୋଇପାରିବେ। ଏହି ବର୍ଗର ଶିଶୁମାନେ ତା.୨୨.୦୨.୨୦୨୪ରିଖ ଠାରୁ ତା.୨୦.୦୩.୨୦୨୪ରିଖ ପର୍ଯ୍ୟନ୍ତ (୧ମ ପର୍ଯ୍ୟାୟ) ଓ ତା.୧୦.୦୪.୨୦୨୪ରିଖ ଠାରୁ ତା.୨୪.୦୪.୨୦୨୪ରିଖ (୨ୟ ପର୍ଯ୍ୟାୟ) ଓ ଓଡ଼ିଶା ସରକାରଙ୍କ www.rteparadarshi.odisha.gov.in website ମାଧ୍ୟମରେ ଆବେଦନ କରିପାରିବେ।
ସା/- ପ୍ରଧାନଆଚାର୍ଯ୍ୟା


## ବାଇକ୍ ଦୁର୍ଘଟଣା; ଦୁଇ ମାଟ୍ରିକ୍ ପରୀକ୍ଷାର୍ଥୀଙ୍କ ଗୋଡ଼ ଭାଙ୍ଗିଲା

**ଅମ୍ବାଭୋନା, ୨୦।୨(ସମିସ):** ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ପୁରୁଷୋତ୍ତମ ଉଚ୍ଚ ବିଦ୍ୟାଳୟ ରୁଚିଦାକୁ ଚଳିତବର୍ଷ ମେଟ୍ରିକ ପରୀକ୍ଷା ଦେବାକୁ ଯିବା ବାଟରେ ମୁଖ୍ୟରାସ୍ତା ଉପରେ ବଡଦର୍ଲ୍ଲପାଲି ଛକ ନିକଟରେ ଥିବା ବୁଲାଣିରେ ମଙ୍ଗଳବାର ସକାଳେ ଦୁଇ ପରୀକ୍ଷାର୍ଥୀ ଦୁର୍ଘଟଣାଗ୍ରସ୍ତ ହୋଇଛନ୍ତି। ମୋଟରସାଇକଲ ଦୁର୍ଘଟଣାରେ ରାସ୍ତାକଡ଼ରେ ଛିଟକି ପଡିଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଖେଦାପାଲିସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଗୁରୁତର ଆହତ ମଧ୍ୟରୁ ଶୁଭମ ମହାରଣା (୧୫ବର୍ଷ)ଙ୍କ ସ୍ୱାସ୍ଥ୍ୟାବସ୍ଥା ଅଧିକ ଜଟିଳ ଥିବାରୁ ତାଙ୍କୁ ଭୁବନେଶ୍ୱର ଆପୋଲୋ ହସ୍ପିଟାଲକୁ ନିଆଯାଇଥିବା ବେଳେ ଅନ୍ୟ ଆହତ ହିତେଶ ପଧାନ (୧୫ ବର୍ଷ)ଙ୍କୁ ବରଗଡ଼ର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା କରାଯାଉଛି। ଉଭୟ ଛାତ୍ରଙ୍କ ଗୋଡ଼ ଭାଙ୍ଗିଯାଇଛି। ଉଭୟେ କପାଶିରା ଗ୍ରାମର ବାସିନ୍ଦା ତଥା କପାଶିରା ଉଚ୍ଚ ବିଦ୍ୟାଳୟରେ ଦଶମ ଶ୍ରେଣୀରେ ପାଠ ପଢୁଥିବା ଜଣାପଡିଛି। ଚଳିତ ମେଟ୍ରିକ ପରୀକ୍ଷା ଦେବାକୁ ସେମାନେ ପୁରୁଷୋତ୍ତମ ଉଚ୍ଚ ବିଦ୍ୟାଳୟ ରୁଚିଦାକୁ ଯାଉଥିବା ବାଟରେ ଦୁର୍ଘଟଣାର ଶିକାର ହୋଇଥିଲେ। ଫଳରେ ଉଭୟେ ପରୀକ୍ଷା ଦେବାରୁ ବଞ୍ଚିତ ରହିଛନ୍ତି।








# ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ଝାରସୁଗୁଡ଼ା, ୨୦।୨(ସମିସ):** ଲଖନପୁର ବ୍ଲକ ବନହରପାଲି ଥାନା ତଥା ଗ୍ରାମରେ ଜଣେ ଯୁବକଙ୍କର ଝୁଲନ୍ତା ଗଳିତ ମୃତଦେହକୁ ପୁଲିସ ଜବତ କରିଛି । ମୃତ ଯୁବକ ଜଣକ ବନହରପାଲି ଗ୍ରାମର ହିରାଲାଲ ଚନ୍ଦନ (୩୫) ବୋଲି ଜଣାପଡ଼ିଛି । ସୂଚନାରୁ ପ୍ରକାଶ ଯେ ହିରାଲାଲ ଜଣେ ଦିନ ମଜୁରିଆ ଭାବେ କାର୍ଯ୍ୟ କରି ପରିବାର ପ୍ରତିପୋଷଣ କରୁଥିଲେ । ଗତ କିଛି ଦିନ ହେବ ହିରାଲାଲଙ୍କ ମା' କୌଣସି କାର୍ଯ୍ୟରେ ନିଜ ଭଉଣୀ ଘରକୁ ଯାଇଥିବା ବେଳେ ତାଙ୍କ ପତ୍ନୀ ଦୁଇ ପୁଅ, ଝିଅକୁ ନେଇ ବାପ ଘରକୁ ଯାଇଥିଲେ । ଏପରିକି ଶନିବାର ଦିନ ହିରାଲାଲଙ୍କୁ କେତେକ ସ୍ଥାନୀୟ ବାସିନ୍ଦା ଗାଁରେ ଚଳପ୍ରଚଳ କରିଥିବା ମଧ ଦେଖିବାକୁ ପାଇଥିଲେ । ହେଲେ ମଙ୍ଗଳବାର ହିରାଲାଲଙ୍କ ଘରୁ ପ୍ରବଳ ଦୁର୍ଗନ୍ଧ ବାହାରୁଥିବାରୁ ସାଇପଡ଼ିଶା ଲୋକେ ଏନେଇ ସନ୍ଦେହ କରି ପୁଲିସ ଓ ପରିବାର ଲୋକଙ୍କୁ ଖବର ଦେଇଥିଲେ । ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଦେଖିବାରେ ହିରାଲାଲ ଏକ ଗାମୁଛା ଯୋଗେ ନିଜ ବେକରେ ଫାସ ଲଗାଇ ଆତ୍ମହତ୍ୟା କରିଥିଲେ । ହିରାଲାଲ କେଉଁ କାରଣରୁ ଆତ୍ମହତ୍ୟା କଲେ ତାହା ସ୍ପଷ୍ଟ ହୋଇପାରିନାହିଁ । ପୁଲିସ ମୃତଦେହକୁ ଜବତ କରିଛି । ମୃତ ହିରାଲାଲଙ୍କ ପରିବାରରେ ମାଆ, ପତ୍ନୀଙ୍କ ସମେତ ୧୨ ବର୍ଷର ଏକ ଝିଅ ଓ ୭ ବର୍ଷର ପୁଅ ଥିବା ପ୍ରକାଶ । ବନହରପାଲି ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରିବା ସହ ଶବ ବ୍ୟବଚ୍ଛେଦ ପାଇଁ ପଠାଇଛି ।

# ଏଲ୍ଏନ୍ କଲେଜରେ ଖୋଲିବ ପିଜି ପାଠ୍ୟକ୍ରମ

**ଝାରସୁଗୁଡ଼ା, ୨୦।୨ (ସମିସ)**

ଝାରସୁଗୁଡ଼ା ଜିଲ୍ଲାର ସର୍ବପୁରାତନ ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟରେ ସ୍ନାତକୋତ୍ତର ପାଠ୍ୟକ୍ରମ ଖୋଲିବା ଘୋଷଣା ହେବା ପରେ ଜିଲ୍ଲା ବ୍ୟାପି ଖୁସିର ଲହରୀ ଖେଳିଯାଇଛି । ଏହି ପରିପ୍ରେକ୍ଷୀରେ ଜିଲ୍ଲାର ପ୍ରମୁଖ ଛାତ୍ର ସଂଗଠନ ଜିଲ୍ଲା ଛାତ୍ର ସାମ୍ମୁଖ୍ୟର ଏକ ପ୍ରତିନିଧିମଣ୍ଡଳୀ ତଥା ଜିଲ୍ଲାର ବହୁ ବିଶିଷ୍ଟ ବ୍ୟକ୍ତି ଆଜି ଝାରସୁଗୁଡ଼ା ଜିଲ୍ଲାପାଳଙ୍କୁ ଭେଟି ପୁଷ୍ପଗୁଚ୍ଛ ଦେଇ ରାଜ୍ୟ ସରକାର ତଥା ଜିଲ୍ଲା ପ୍ରଶାସନକୁ ଧନ୍ୟବାଦ ଜଣାଇଛନ୍ତି । ଛାତ୍ର ସାମ୍ମୁଖ୍ୟ ଦୀର୍ଘ ୪ ବର୍ଷ ଧରି ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟର ସମ୍ପୂର୍ଣ୍ଣ ସରକାରୀ କରଣ, ପିଜି ଓ ବିଇଡି ପାଠ୍ୟକ୍ରମ ଖୋଲିବା ଦାବି କରି ଆସୁଥିଲା । ବିଭିନ୍ନ ଦାବି ନେଇ ଛାତ୍ର ସାମ୍ମୁଖ୍ୟ ଫେବୃଆରୀ ୫ ତାରିଖ ଦିନ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଉଥିବା ବେଳେ ୭ ତାରିଖରେ ଉପରାଞ୍ଚଳ ରାଜସ୍ୱ କମିଶନର ଶ୍ରୀକାନ୍ତ ପ୍ରୁଷ୍ଟିଙ୍କ ସହ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଏ ନେଇ ଆଲୋଚନା ହୋଇଥିଲା ।



ଏପରିକି ଗତ ୧୨ ତାରିଖରେ ଝାରସୁଗୁଡ଼ା ବନ୍ଦ ଡାକରା ଦିଆଯାଇଥିଲା । ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟରେ ୫ଟି ବିଷୟ ଯଥା କଳା ବିଭାଗରେ ଇଂରାଜୀ ବିଷୟରେ ୧୬ ସିଟ୍, ଓଡ଼ିଆରେ ୨୪, ହିନ୍ଦୀରେ ୨୪ ସିଟ୍ ମଞ୍ଜୁର ହୋଇଥିବା ବେଳେ ବିଜ୍ଞାନ ବିଭାଗର ଗଣିତରେ ୧୬ ସିଟ୍ ଓ ବାଣିଜ୍ୟ ବିଭାଗରେ ୩୨ସିଟ୍ ଖୋଲିବାକୁ ଉଚ୍ଚ ଶିକ୍ଷା ବିଭାଗ ଅନୁମତି ଦେଇଛି । ଛାତ୍ର ସାମ୍ମୁଖ୍ୟର କେନ୍ଦ୍ରୀୟ ସଂଯୋଜକ ଜିତେନ୍ଦ୍ରିୟ ଧୁରୁଆ, ସହ ସଂଯୋଜକ ଅସୀମ ପଟେଲ, ରବି ରୋହିଦାସ, ସମ୍ବିତ ନାଏକ, ନନ୍ଦ ରୋହିଦାସ ପ୍ରମୁଖ ଛାତ୍ର ନେତା, ସାମ୍ମୁଖ୍ୟର ଉପଦେଷ୍ଟା ବିରଞ୍ଚି ସାହୁ, କିର୍ମିରା ପୂର୍ବ ବ୍ଲକ ଅଧ୍ୟକ୍ଷ ତେଜରାଜ ସାହୁ, ରଘୁନନ୍ଦନ ପଣ୍ଡା, ପ୍ରଭାକର ଓରାମ, ତ୍ରିଲୋଚନ ଦନସେନା, ଦେବାନନ୍ଦ ବାରିକ ପ୍ରମୁଖ ଜିଲ୍ଲାପାଳଙ୍କୁ ଭେଟି କୃତଜ୍ଞତା ଜଣାଇଛନ୍ତି ।

## ଗୋରୁ, ଛେଳି ଚୋରିବେଳେ ଧରାପଡ଼ିଲା ଯୁବକ

**ଦେବଗଡ଼, ୨୦।୨(ସମିସ):** ଦେବଗଡ଼ ଥାନା ପଲସାକୁଦର ଗ୍ରାମର ହିତାର୍ଥ ଭୁକ୍ତାଙ୍କ ଘରୁ ଜଣେ ଯୁବକ ଗୋଟିଏ ଗାଇ ଓ ଗୋଟିଏ ଛେଳି ଚୋରି କରିନେଉଥିବା ବେଳେ ଗ୍ରାମବାସୀଙ୍କ ଦ୍ୱାରା ଧରାପଡ଼ିଛି । ଅଭିଯୁକ୍ତ ସମ୍ବଲପୁର ଜିଲ୍ଲା ଡେଙ୍ଗସର୍ଗି ଗ୍ରାମର ସୁବାସ ବାଗ । ଲୋକେ ତାକୁ କାବୁ କରିବାକୁ ଉଦ୍ୟମ କରୁଥିବା ବେଳେ ଖସିଯିବାକୁ ଉଦ୍ୟମ କରିଥିଲେ ମଧ୍ ବିଫଳ ହୋଇଥିଲା । ଲୋକେ ତାକୁ ପୁଲିସ ଜିମା ଦେଇଛନ୍ତି ।

## ଅନୁପସ୍ଥିତ ରହିଲେ ୮୬ ମାଟ୍ରିକ ପରୀକ୍ଷାର୍ଥୀ

**ଦେବଗଡ଼, ୨୦।୨(ସମିସ):** ଦେବଗଡ଼ ଜିଲ୍ଲାର ୩୪ଟି ପରୀକ୍ଷା କେନ୍ଦ୍ରରେ ୮୫ଟି ହାଇସ୍କୁଲର ଛାତ୍ରଛାତ୍ରୀ ପରୀକ୍ଷା ଦେଇଛନ୍ତି । ୪୧୦୦ ଛାତ୍ରଛାତ୍ରୀ ଫର୍ମ ପୂରଣ କରିଥିବା ବେଳେ ୪୦୧୪ ଜଣ ପରୀକ୍ଷା ଦେଇଛନ୍ତି । ପ୍ରଥମ ଦିନ ପରୀକ୍ଷାରେ ୮୬ ଛାତ୍ରଛାତ୍ରୀ ଅନୁପସ୍ଥିତ ଥିବା ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି । ରେଗୁଲାରରେ ୩୯୯୬ ଜଣ ଫର୍ମ ପୂରଣ କରିଥିବା ବେଳେ ୩୯୨୪ ଜଣ ପରୀକ୍ଷା ଦେଇଥିଲେ । ୭୨ ଜଣ ଛାତ୍ରଛାତ୍ରୀ ଅନୁପସ୍ଥିତ ଥିଲେ । ସେହିପରି ଏସଆଇଓଏସରେ ୬୯ ଜଣ ଛାତ୍ରଛାତ୍ରୀ ପରୀକ୍ଷା ପାଇଁ ଫର୍ମ ପୂରଣ କରିଥିବା ବେଳେ ୫୫ଜଣ ପରୀକ୍ଷା ଦେଇଛନ୍ତି । ୧୪ ଜଣ ପରୀକ୍ଷା ଦେଇନାହାନ୍ତି । ତେବେ ଏକ୍ସ ରେଗୁଲାରରେ ୨ଜଣ ଫର୍ମ ପୂରଣ କରିଥିବା ବେଳେ ମଧ୍ୟମାରେ ସମସ୍ତ ୩୩ଜଣ ପରୀକ୍ଷା ଦେଇଛନ୍ତି ।

## ଟୁସୁଲା, ଔତଲରେ ଖୋଲିଲା ଡାକଘର

**ଦେବଗଡ଼, ୨୦।୨(ସମିସ):** ଗ୍ରାମାଞ୍ଚଳରେ ଡାକ ସେବାକୁ ଲୋକଙ୍କ ହାତ ପାହାନ୍ତାରେ ପହଞ୍ଚାଇବା ଉଦ୍ଦେଶ୍ୟ ନେଇ କେନ୍ଦ୍ର ସରକାରଙ୍କ ପକ୍ଷରୁ ରାଜ୍ୟରେ ପଶ୍ଚିମ ଓଡ଼ିଶାର ୬ ଜିଲ୍ଲାରେ ୪୨ଟି ନୂଆ ଡାକଘରର ଶୁଭାରମ୍ଭ କରାଯାଇଛି । ଏହି ଅବସରରେ ସନ୍ଥ କବି ଭୀମ ଭୋଇ, ସ୍ୱଭାବ କବି ଗଙ୍ଗାଧର ମେହେର ଓ ପଶ୍ଚିମ ଓଡ଼ିଶାର ଐତିହ୍ୟ ଉପରେ ପର୍ଯ୍ୟବେଶିତ ୬ଟି ଡାକ ଟିକଟର ମଧ ଲୋକାର୍ପଣ କରାଯାଇଛି । ଦେବଗଡ଼ ଜିଲ୍ଲା ବାରକୋଟ ବ୍ଲକର ଦୁଇ ଆଭ୍ୟନ୍ତରୀଣ ଗ୍ରାମ ଟୁସୁଲା ଓ ଔତଲରେ ନୂତନ ଡାକଘରର ଉଦଘାଟନ ହୋଇଛି । କେନ୍ଦ୍ର ରେଳ ତଥା ଡାକ ବିଭାଗ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ କେନ୍ଦ୍ର ଦକ୍ଷତା ବିକାଶ ଓ ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭିଡିଓ କନଫରେନ୍ସ ମାଧ୍ୟମରେ ଯୋଗଦେଇ ନୂତନ ଡାକଘର ଶୁଭାରମ୍ଭ କରିଥିଲେ । ତେବେ ଏହି ଲୋକାର୍ପଣ କାର୍ଯ୍ୟକ୍ରମ ଦେବଗଡ଼ ଜିଲ୍ଲା ମୁଖ୍ୟ ଡାକଘରଠାରେ ଭିସି ମାଧ୍ୟମରେ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଡାକ ବିଭାଗ ପକ୍ଷରୁ କାହାରିକୁ ସୂଚନା ଦିଆଯାଇ ନ ଥିଲା କିମ୍ବା ଏହାର ପ୍ରଚାର ପ୍ରସାର ପାଇଁ କୌଣସି ବ୍ୟବସ୍ଥା କରା ଯାଇ ନ ଥିଲା ।

## ଆଭାସୀ ଜରିଆରେ ବଡ଼ଜୋବ ନୂତନ ଡାକ ଘର ଉଦ୍‌ଘାଟିତ

**ବ୍ରଜରାଜନଗର, ୨୦।୨ (ସମିସ):** ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଗୌଡ଼ମାଲ ପଞ୍ଚାୟତ ବଡଯୋବ ଗ୍ରାମରେ ଏକ ନୂତନ ଡାକଘର ଉଦଘାଟିତ ହୋଇଯାଇଛି । ଏହି ନୂତନ ଡ଼ାକଘରକୁ ଦୁଇ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅଶ୍ୱିନୀ ବୈଷ୍ଣବ ଭିଡିଓ କନଫରେନ୍ସ ମାଧ୍ୟମରେ ଉଦଘାଟନ କରିଛନ୍ତି । ଏହି ପରିପ୍ରେକ୍ଷୀରେ ବ୍ରଜରାଜନଗର ମୁଖ୍ୟ ଡାକ ଅଧିକାରୀ କେ ହିମାଂଶୁ ଆଚାରୀ, ଗୌଡ଼ମାଲ ସରପଞ୍ଚ ରାଜକୁମାର ସାଏ, ଝାରସୁଗୁଡ଼ା ମୁଖ୍ୟ ଡାକ ଘର ସିଷ୍ଟମ ଆଡମିନିଷ୍ଟ୍ରେସନ ଅଧିକାରୀ ବିଜୟ ଉଇଲସମ କେରକେଟା, ଓଭରସିୟର ହରିଶ୍ ଚନ୍ଦ୍ର ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ସୁବୋଧ ପୃଷ୍ଟି, ରୋଶନଲାଲା ବରାହା, ଚିନ୍ମୟ ଘଡେଇ, ଦିଗନେଶ୍ୱରୀ ଜେନା ପ୍ରମୁଖ ଉପସ୍ଥିତ ରହିଥିଲେ । ଏହି ଉଦଘାଟନୀ ପରିପ୍ରେକ୍ଷୀରେ ଆଠଟି ଷ୍ଟାମ୍ପ ଉଦଘାଟନ କରାଯାଇଥିଲା ।

## ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ

**ଝାରସୁଗୁଡ଼ା, ୨୦।୨(ସମିସ) :** ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଓ ଜିଲ୍ଲା ପ୍ରଶାସନ ମିଳିତ ଆନୁକୂଲ୍ୟରେ ଜିଲ୍ଲାରେ ନୂତନ ଭତ୍ତା ଓ ବର୍ଦ୍ଧିତ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଜିଲ୍ଲା ଖଣିଜ ପାଣ୍ଠି ପ୍ରେକ୍ଷାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଓ ନିର୍ବାହୀ ଅଧିକାରୀ ପ୍ରବୀର କୁମାର ନାୟକ ମୁଖ୍ୟଅତିଥି, ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ବ୍ରଜବନ୍ଧୁ ଭୋଇ ଓ ଉପଜିଲ୍ଲାପାଳ କିଶୋର ଚନ୍ଦ୍ର ସ୍ୱାଇଁ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ହିତାଧିକାରୀମାନଙ୍କୁ ଭତ୍ତା ବଣ୍ଟନ କରିଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ପାଠ କରାଯାଇଥିଲା । ରାଜ୍ୟ ସରକାରଙ୍କ ମଧୁବାବୁ ପେନସନ ଯୋଜନା ଅନ୍ତର୍ଗତ ମାସିକ ଭତ୍ତାରେ ୫୦୦ ତଥା ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ ଅଧୀନରେ ରାଜ୍ୟ ସରକାରଙ୍କ ପକ୍ଷରୁ ୫୦୦ ଟଙ୍କା ଅତିରିକ୍ତ ପ୍ରୋତ୍ସାହନ ରାଶି ବୃଦ୍ଧି କରାଯାଇଛି । ୬୦ରୁ ୭୯ବର୍ଷ ବୟସ ପର୍ଯ୍ୟନ୍ତ ବରିଷ୍ଠ ହିତାଧିକାରୀ, ୪୦ରୁ୫୯ ପ୍ରତିଶତ ଭିନ୍ନକ୍ଷମ, ୧୮ ଓ ୧୮ ବର୍ଷ ବୟସରୁ ଅଧିକ ବୟସର ବିଧବା, ସୁସ୍ଥ ହୋଇଥିବା କୁଷ୍ଠ ଆକ୍ରାନ୍ତ, ୩୦ବର୍ଷ ବୟସରୁ ଅଧିକ ଅବିବାହିତ ମହିଳା, ୧୮ କିମ୍ବା ୧୮ ବର୍ଷ ବୟସରୁ ଅଧିକ ସ୍ୱାମୀ ପରିତ୍ୟକ୍ତା, ଉଭୟଲିଙ୍ଗୀ, କୋଭିଡରେ ମୃତ୍ୟୁ ବରଣ କରିଥିବା ବ୍ୟକ୍ତିଙ୍କ ସନ୍ତାନ ସନ୍ତତି, କୋଭିଡରେ ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କ ବିଧବାଙ୍କୁ ୫୦୦ଟଙ୍କାର ବର୍ଦ୍ଧିତ ଭତ୍ତା ପ୍ରଦାନ କରାଯାଇଛି । ପୂର୍ବରୁ ଏହି ହିତାଧିକାରୀମାନେ ୫୦୦ଟଙ୍କା ପାଉଥିବା ବେଳେ ଚଳିତ ଫେବୃଆରୀ ମାସରୁ ୧୦୦୦ଟଙ୍କା ଭତ୍ତା ପାଇବେ । ଶତକଡା ୬୦ ପ୍ରତିଶତରୁ ଅଧିକ ଭିନ୍ନକ୍ଷମ, ୮୦ ଏବଂ ୮୦ ବର୍ଷରୁ ଅଧିକ ବୟସ୍କ ପୂର୍ବରୁ ୭୦୦ଟଙ୍କା ପାଉଥିବା ବେଳେ ଏବେ ୧୨୦୦ଟଙ୍କା, ୮୦ କିମ୍ବା ୮୦ବର୍ଷରୁ ଅଧିକ ବୟସ୍କ(ଶତକଡ଼ା ୬୦ପ୍ରତିଶତରୁ ଅଧିକ ଭିନ୍ନକ୍ଷମ) ପୂର୍ବରୁ ୯୦୦ ଟଙ୍କା ପାଉଥିବା ବେଳେ ଏବେ ୧୪୦୦ଟଙ୍କା ପାଇବେ । ଜିଲ୍ଲାରେ ପୂର୍ବରୁ ୪୩୬୬୦ଜଣ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯାଉଥିବା ବେଳେ ନୂତନ ଭାବରେ ୨୨୩୦ଜଣ ହିତାଧିକାରୀଙ୍କୁ ଏଥିରେ ସାମିଲ କରାଯାଇଛି । ଚଳିତ ଫେବୃଆରୀ ମାସରୁ ମୋଟ ୪୫୮୯୭ଜଣ ହିତାଧିକାରୀ ଉଭୟ ମଧୁବାବୁ ପେନସନ ଯୋଜନା ଏବଂ ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି । ଜିଲ୍ଲା ମୁଖ୍ୟାଳୟ ସହିତ ଜିଲ୍ଲାର ସମସ୍ତ ପୌରପାଳିକା ଓ ପଞ୍ଚାୟତ ୱାର୍ଡ଼ କାର୍ଯ୍ୟାଳୟରେ ହିତାଧିକାରୀଙ୍କୁ ଏହି ଭତ୍ତା ରାଶି ପ୍ରଦାନ କରାଯାଇଛି । କାର୍ଯ୍ୟକ୍ରମରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଗୋପଲକ୍ଷ୍ମୀ ହୋତା ଉପସ୍ଥିତ ଥିବା ବେଳେ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ପ୍ରତିଭା ବେହେରା କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ ।



**ମାଟ୍ରିକ ପରୀକ୍ଷା ଆରମ୍ଭ**

## ପରୀକ୍ଷା ଦେଲେ ୬୩୫୨ ପରୀକ୍ଷାର୍ଥୀ

**ଝାରସୁଗୁଡ଼ା, ୨୦।୨(ସମିସ):** ଚଳିତ ବର୍ଷ ପାଇଁ ମାଟ୍ରିକ ପରୀକ୍ଷା ମଙ୍ଗଳବାର ଠାରୁ ଆରମ୍ଭ ହୋଇଛି । ଝାରସୁଗୁଡ଼ା ଜିଲ୍ଲାରେ ଥିବା ସମସ୍ତ ପରୀକ୍ଷା କେନ୍ଦ୍ରରେ ସୁରୁଖୁରୁ ଭାବରେ ପରୀକ୍ଷା ସମ୍ପନ୍ନ ହୋଇଛି । ସମଗ୍ର ଝାରସୁଗୁଡ଼ା ଜିଲ୍ଲାରେ ଚାରୋଟି ନୋଡାଲ ସେଣ୍ଟର ଥିବା ବେଳେ ୪୨ଟି ପରୀକ୍ଷା କେନ୍ଦ୍ର ରେଗୁଲାର ଏବଂ ଏକ୍ସ ରେଗୁଲାର ପରୀକ୍ଷାର୍ଥୀଙ୍କ ପାଇଁ ଥିବା ବେଳେ ଓଡ଼ିଶା ମୁକ୍ତ ବିଦ୍ୟାଳୟର ପରୀକ୍ଷାର୍ଥୀଙ୍କ ୧ଟି ପରୀକ୍ଷା କେନ୍ଦ୍ର କରାଯାଇଛି । ଚଳିତ ବର୍ଷ ରେଗୁଲାରରେ ୬୩୩୮ ଜଣ ପରୀକ୍ଷା ଦେଉଥିବା ବେଳେ ୧୪ଟି ଏକ୍ସ ରେଗୁରାଲ୍ ମୋଟ ୬୩୫୨ ଜଣ ଛାତ୍ର ଛାତ୍ରୀ ପରୀକ୍ଷା ଦେଇଥିଲେ । ଜିଲ୍ଲାର ୧୧୮ଟି ହାଇସ୍କୁଲରେ ମାଟ୍ରିକ ପରୀକ୍ଷା ଅନୁଷ୍ଠିତ ହୋଇଛି । ୭ଟି ହାଇସ୍କୁଲରେ ସିସିଟିଭି ସ୍ଥାପନ କରାଯାଇଛି । ଜିଲ୍ଲାରେ ଚାରୋଟି ନୋଡାଲ ସେଣ୍ଟର ସରବାହାଲ ସରକାରୀ ହାଇସ୍କୁଲ, କେବିଜେ ହାଇସ୍କୁଲ, ଲଇକେରା, ଜି.ଏଲ୍.ହାଇସ୍କୁଲ ବେଲପାହାଡ଼ ଓ ପଞ୍ଚାୟତ ହାଇସ୍କୁଲ ଲଖନପୁରରେ ପ୍ରଶ୍ନପତ୍ର ରଖାଯାଇଛି ।



## ଦୃଷ୍ଟିବାଧିତ ଛାତ୍ରୀଙ୍କ ପାଞ୍ଚଦିନିଆ କ୍ରିକେଟ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

**ଝାରସୁଗୁଡ଼ା, ୨୦।୨(ସମିସ):** ବାଙ୍ଗାଲୋର ସ୍ଥିତ ସମର୍ଥନମ ଟ୍ରଷ୍ଟ ଓ ଦୃଷ୍ଟିବାଧିତ କ୍ରିକେଟ ସଂଘ, ଭୁବନେଶ୍ୱର (କେଭି ଓଡ଼ିଶା) ଆନୁକୂଲ୍ୟରେ ଜିଲ୍ଲାର ଦୃଷ୍ଟିବାଧିତ ଛାତ୍ରୀ ମାନଙ୍କୁ ନେଇ ପାଞ୍ଚ ଦିବସୀୟ କ୍ରିକେଟ ପ୍ରଶିକ୍ଷଣ ଶିବିର ଉଦଯାପିତ ହୋଇଛି । ଏହି ଶିବିରକୁ ଓଡ଼ିଶା କ୍ରିକେଟ ସଙ୍ଘର ପୂର୍ବତନ ଯୁଗ୍ମ ସମ୍ପାଦକ ମହତାବ ଖାନ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ଝାରସୁଗୁଡା ବରିଷ୍ଠ ନାଗରିକ ସଙ୍ଘର ସଭାପତି ବାଲଗୋବିନ୍ଦ ମିଶ୍ର, ସମାଜସେବୀ ପ୍ରଶାନ୍ତ ନନ୍ଦ, ଜାତୀୟ କରାଟେ ଫାଉଣ୍ଡେସନର ଅଧ୍ୟକ୍ଷ ସେଂସୁଇ ସୁଶାନ୍ତ ଗୁପ୍ତା ପ୍ରମୁଖ ଯୋଗ ଦେଇଥିବା ବେଳେ ସ୍କୁଲର ପ୍ରତିଷ୍ଠାତା ବିବେକାନନ୍ଦ ମିଶ୍ର ସଭାପତିତ୍ୱ କରିଥିଲେ । କୋଚ ମୁକେଶ କୁମାର ପୁରୋହିତ ପାଞ୍ଚ ଦିନ ଧରି ୩୦ ଜଣ ଛାତ୍ରୀଙ୍କୁ ପ୍ରଶିକ୍ଷଣ ଦେଇଥିବା ବେଳେ ସହଯୋଗୀ କୋଚ ଶୁଭସ୍ମିତା ସାହୁ ନିଜର ଦାୟିତ୍ୱ ତୁଲାଇ ଥିଲେ । କମିଟି ସଦସ୍ୟ ଗୁଣନିଧି ଭୈସା ଧନ୍ୟବାଦ ଅର୍ପଣ କରିଥିଲେ । କୋଚ ଶ୍ରୀ ପୁରୋହିତଙ୍କୁ ସ୍କୁଲ ପକ୍ଷରୁ ଏକ ସ୍ମୃତିଫଳକ ପ୍ରଦାନ କରାଯାଇଥିଲା ।



## ଜୀବିକା ସହାୟତା ରାଶି ପ୍ରଦାନ

**ଦେବଗଡ଼, ୨୦।୨(ସମିସ):** ଦେବଗଡ଼ ଜିଲ୍ଲାରେ ଖାଦ୍ୟ ସୁରକ୍ଷା ହିତାଧିକାରୀ ପରିବାରକୁ ୧୦୦୦ ଟଙ୍କା ଲେଖାଏଁ ଜୀବିକା ସହାୟତା ରାଶି ପ୍ରଦାନ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି । ବାରକୋଟ ବ୍ଲକ ଡଅଁରା ପଞ୍ଚାୟତ କାର୍ଯ୍ୟାଳୟଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲାପରିଷଦ ସଭାପତି କୌଶିକ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଖାଦ୍ୟ ସୁରକ୍ଷା ହିତାଧିକାରୀ ପରିବାରକୁ ୧୦୦୦ଟଙ୍କା ଲେଖାଏଁ ଜୀବିକା ସହାୟତା ରାଶି ବଣ୍ଟନ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଜିଲ୍ଲା ପରିଷଦ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରା, ବାରକୋଟ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ପାତ୍ର, ଜିଲ୍ଲା ଯୋଗାଣ ଅଧିକାରୀ ରଞ୍ଜନ ପଣ୍ଡା, ଡଅଁରା ସରପଞ୍ଚ ପ୍ରକାଶ ପାଣି, ସମିତି ସଭ୍ୟା ବବିତା ପ୍ରଧାନ ଉପସ୍ଥିତ ଥିଲେ । ୫୦ ଜଣ ହିତାଧିକାରୀଙ୍କୁ ଅର୍ଥ ରାଶି ବଣ୍ଟନ କରଯାଇଥିଲା । ଜିଲ୍ଲାରେ ୭୮ ହଜାର ୨୭୪ ଜଣ ହିତାଧିକାରୀ ପରିବାରଙ୍କୁ ଫେବୃୟାରୀ ୨୯ ମଧ୍ୟରେ ଖୁଚୁରା ବିକ୍ରୟ କେନ୍ଦ୍ର/ପଞ୍ଚାୟତ ମାଧ୍ୟମରେ ଏହି ଅର୍ଥ ରାଶି ବଣ୍ଟନ କରାଯିବାର ଲକ୍ଷ୍ୟ ରଖାଯାଇଥିବା ଜିଲ୍ଲା ଯୋଗାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ଅତିରିକ୍ତ ଯୋଗାଣ ଅଧିକାରୀ କେଦାରନାଥ ନାୟକ, ସହକାରୀ ଯୋଗାଣ ଅଧିକାରୀ ଅସିତ ଅମିତାଭ ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ଜିଲ୍ଲା ଯୋଗାଣ ନିଗମ ସହକାରୀ କମ୍ପ୍ୟୁଟର ପ୍ରୋଗ୍ରାମର ପୁଷ୍ପାଞ୍ଜଳି ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ବାରକୋଟ ବ୍ଲକ ଯୋଗାଣ ନିରୀକ୍ଷକ ଜୟନ୍ତ କୁଣ୍ଡୁ ଧନ୍ୟବାଦ ଦେଇଥିଲେ ।



## ପ୍ରତିଶ୍ରୁତି ପରେ ଆମରଣ ଅନଶନରୁ ଓହରିଲେ କ୍ଷୀରବତୀ

**ଝାରସୁଗୁଡ଼ା, ୨୦।୨(ସମିସ):** ପୂର୍ବତନ ପଣ୍ଡରୀ ସମିତି ସଭ୍ୟା କ୍ଷୀରବତୀ ବିଭିନ୍ନ ଦାବି ନେଇ ସୋମବାର ଠାରୁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନରେ ବସିଥିଲେ । ଜିଲ୍ଲା ପ୍ରଶାସନ ପକ୍ଷରୁ କ୍ଷୀରବତୀଙ୍କୁ ଲିଖିତ ଭାବରେ ପ୍ରତିଶ୍ରୁତି ପ୍ରଦାନ କରିବାପରେ ଆମରଣ ଅନଶନରୁ ସେ ଓହରିଛନ୍ତି । ମଙ୍ଗଳବାର ଅପରାହ୍ନରେ କ୍ଷୀରବତୀଙ୍କ ଅନଶନ ସ୍ଥଳରେ ଲଖନପୁର ତହସିଲଦାର ସଦାକର କୁମ୍ଭାର, ଏସଡ଼ିପିଓ ଚିନ୍ତାମଣି ପ୍ରଧାନ ଓ ଲଖନପୁର ବିଡ଼ିଓ ବିନୟ ପଟେଲ ପହଞ୍ଚି ଲିଖିତ ଭାବରେ ପ୍ରତିଶ୍ରୁତି ପ୍ରଦାନ କରିଥିଲେ । ଆସନ୍ତା ୫ ମଇ ମଧ୍ୟରେ ପଣ୍ଡରୀ ପଞ୍ଚାୟତରେ ନିର୍ମାଣାଧିନ କମ୍ୟୁନିଟୀ ସେଣ୍ଟରର ରନିଙ୍ଗ ବିଲ ପ୍ରଦାନ, ପଣ୍ଡରୀ ଠାରୁ ଗାଦିକଟା ପର୍ଯ୍ୟନ୍ତ ନିର୍ମାଣ ହୋଇଥିବା ରାସ୍ତାର ବିଲ ମଧ ଖୁବଶିଘ୍ର ପ୍ରଦାନ କରିବାକୁ ପଦକ୍ଷେପ ନିଆଯିବ ବୋଲି ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଛି ।



# ଜମେରାରେ ଜଙ୍ଘା ବଡଦେଓଙ୍କ ବାର୍ଷିକ ପୂଜା



**ଝାରସୁଗୁଡ଼ା, ୨୦।୨(ସମିସ)**

ଅଖିଳ ଭାରତୀୟ ଗୋଁଣ୍ଡୱନା ଗୋଁଣ୍ଡ ମହାସଭା ଗଣ୍ଡଘୋରା ଗୁଡି ଆୟୋଜନ ସମିତିର ସଂଯୋଜନାରେ ଜମେରା ଗ୍ରାମଠାରେ ପ୍ରତିବର୍ଷ ପରି ଗତ ଦୁଇ ଦିନ ଧରି ଗୋଁଣ୍ଡମାନଙ୍କ ଆରାଧ୍ୟ ଦେବତା ଜଙ୍ଘା ବଡଦେଓଙ୍କର ବାର୍ଷିକ ପୂଜା ଅନୁଷ୍ଠିତ ହୋଇଯାଇଛି । ଜଙ୍ଘା ବଡଦେଓ ଲଖନପୁର ବ୍ଲକ ଜୟବୁଡିଆଠାରେ ମହା ଆଡମ୍ବରରେ ବିଜେ କରିଥିଲେ । ଜଙ୍ଘା ବଡଦେଓ ପୀଠ ପାଇଁ ୫-ଟି ଅଧ୍ୟକ୍ଷ ଭିକେ ପାଣ୍ଡିଆନ ଦେଇଥିବା ଚାରି ଲକ୍ଷ ଟଙ୍କା ବିନିମୟରେ ନିର୍ମିତ ଘର ଉଦ୍‌ଘାଟନ ହୋଇଥିଲା । ଏହି ଅବସରରେ ଜଙ୍ଘା ବଡଦେଓ ଗ୍ରାମ ପରିକ୍ରମା କରିଥିଲେ । ଏହି ପୂଜାରେ ଅଖିଳ ଭାରତୀୟ ଗୋଁଣ୍ଡୱନା ଗୋଁଣ୍ଡ ମହାସଭା ରାଜ୍ୟ ସଭାପତି ମହେନ୍ଦ୍ର ନାଏକ, ଜିଲ୍ଲା ସଭାପତି ଡମ୍ବରୁଧର ନାଏକ, ମହାସଚିବ ଶ୍ୟାମଲାଲ ନାଏକ, ଗଣ୍ଡଘୋରା ଗୁଡି ସଭାପତି ଲଳିତ ମୋହନ ଭୋଇ, ସମ୍ପାଦକ ବଲରାମ ମାଝୀ, ଲଖନପୁର ବ୍ଲକ ସମ୍ପାଦକ ଅଭିନ ଚନ୍ଦ୍ର ମାଝୀ, ଅଶୋକ ମାଝୀ, ସମଡା ଗୁଡି ସମ୍ପାଦକ ଯଦୁମଣୀ ଧୁରୁଆ, ଲୋଇସିଂହ ଗୁଡି ସମ୍ପାଦକ ହେମନ୍ତ ଧୁରୁଆ, ଲପଙ୍ଗା ଗୁଡି ସଭାପତି ପଦ୍ମନ ନେଟୀ ମୁରାରୀ ଭୋଇ, ଚୁଡାମଣୀ ଧୁରୁଆ, ବିଲାଶ ଭୋଇ, ଗୋବିନ୍ଦ ଭୋଇ ପ୍ରମୁଖ ଯୋଗ ଦେଇଥିଲେ ।

## ଆର୍‌ଆଇଙ୍କ ସମୂହ କାର୍ଯ୍ୟବନ୍ଦ ଆନ୍ଦୋଳନ

**ଦେବଗଡ଼, ୨୦।୨(ସମିସ):** ଓଡ଼ିଶା ରାଜ୍ୟ ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘ ଆହ୍ୱାନ କ୍ରମେ ୬ଦଫା ଦାବି ନେଇ ଦେବଗଡ଼ ଜିଲ୍ଲା ଶାଖା ପକ୍ଷରୁ ଜିଲ୍ଲାର ସମସ୍ତ ୩ ତହସିଲରେ କାର୍ଯ୍ୟରତ ସମସ୍ତ ରାଜସ୍ୱ ନୀରିକ୍ଷକ ମଙ୍ଗଳବାରଠାରୁ ସମୂହ କାର୍ଯ୍ୟ ବନ୍ଦ ଆନ୍ଦୋଳନ ସହ ଧାରଣା ଦେଇଛନ୍ତି । ରିଆମାଳ ତହସିଲ କାର୍ଯ୍ୟାଳୟ ପରିସରରେ ରାଜସ୍ୱ ସୁପରଭାଇଜର ଅନିଲ ନାୟକଙ୍କ ନେତୃତ୍ୱରେ ଆନ୍ଦୋଳନ କରାଯାଇଛି ।



## ଆରମ୍ଭ ହେଲା ମାଟ୍ରିକ ପରୀକ୍ଷା

# ପ୍ରଥମ ଦିନରେ ୩୮୫ ପରୀକ୍ଷାର୍ଥୀ ଅନୁପସ୍ଥିତ

**ସମ୍ବଲପୁର, ୨୦।୨(ସମିସ)**

ସମ୍ବଲପୁର ଜିଲ୍ଲାରେ ୭୮ଟି ପରୀକ୍ଷା କେନ୍ଦ୍ରରେ ଚଳିତବର୍ଷର ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା ଆରମ୍ଭ ହୋଇଛି। କଡ଼ା ସୁରକ୍ଷାରେ ପରୀକ୍ଷା କେନ୍ଦ୍ର ଗୁଡ଼ିକ ରହିଥିଲା। ପରୀକ୍ଷା ଦେବା ସମୟରେ ମଧ କପି ରୋକିବା ଓ ଶୃଙ୍ଖଳିତ ପରୀକ୍ଷା ପାଇଁ ସ୍ୱତନ୍ତ୍ର ସ୍କ୍ୱାର୍ଡ ବ୍ୟବସ୍ଥା କରାଯାଇଛି। ଜିଲ୍ଲାରେ ରାଜ୍ୟର ଗୋଟିଏ ସ୍କ୍ୱାର୍ଡ ଓ ଜିଲ୍ଲାର ୨ଗୋଟି ସ୍କ୍ୱାର୍ଡ ଗଠନ କରାଯାଇଛି। ଏହାସହ ନୋଡାଲ ସେଣ୍ଟର ଗୁଡ଼ିକ ରହିଛି। କପି ରୋକିବା ନେଇ ସ୍କୁଲ ଗୁଡ଼ିକ ପରିଦର୍ଶନ କରି ଯାଞ୍ଚ କରିଥିଲେ। କପିରେ କେହି ଧରା ପଡ଼ିନାହାନ୍ତି। ହେଲେ ଜିଲ୍ଲାରେ ସମୁଦାୟ ପରୀକ୍ଷାର୍ଥୀଙ୍କ ଭିତରୁ ୨୨୬ ଜଣ ଅନୁପସ୍ଥିତ ରହିଥିଲେ। ସେହିପରି ମାଧମରେ ମୋଟ୍ ୩୩ ଜଣଙ୍କ ଭିତରୁ ୩୧ଜଣ ପରୀକ୍ଷା ଦେଇଥିବା ବେଳେ ୨ ଜଣ ଅନୁପସ୍ଥିତ ଥିଲେ। ଏସ୍‌ଓଏସ୍‌ସିରେ କେବଳ ଧନକଉଡ଼ା ବ୍ଲକର ଗୋଟିଏ କେନ୍ଦ୍ରରେ ପରୀକ୍ଷା ହୋଇଥିଲା। ମୋଟ ୧୧୫ ଜଣ ପରୀକ୍ଷା ଦେବାକୁ ଥିବାବେଳେ ୫୭ଜଣ ଅନୁପସ୍ଥିତ ଥିଲେ। ପ୍ରଥମ ଦିନରେ କୌଣସି ପରୀକ୍ଷା କେନ୍ଦ୍ରରେ ବିଶୃଙ୍ଖଳା ପରିସ୍ଥିତି ଉପୁଜି ନଥିଲା। ସୂଚନାଯୋଗ୍ୟ, ଚଳିତବର୍ଷ ସମ୍ବଲପୁର ଜିଲ୍ଲାରେ ୭୮ଟି ପରୀକ୍ଷା କେନ୍ଦ୍ରରେ ମୋଟ ୧୨ ହଜାର ୪୦୯ ଜଣ ପରୀକ୍ଷାର୍ଥୀ ରହିଥିଲେ। ବାମରା ବ୍ଲକରେ୧୦ କେନ୍ଦ୍ରରେ ୧୪୨୪ ଜଣ ରହିଥିବା ବେଳେ ୧୪୨୪ଜଣ ପରୀକ୍ଷା ଦେଇଥିଲେ ଓ ୨୪ଜଣ ଅନୁପସ୍ଥିତ ଥିଲେ।



ଧନକଉଡ଼ାର ୧୬ଟି କେନ୍ଦ୍ରରେ ୩୧୫୨ଜଣ ରହିଥିବା ବେଳେ ୪୮ ଜଣ ଅନୁପସ୍ଥିତ ଥିଲେ, ଜମନକିରାର ୭ କେନ୍ଦ୍ରରେ ୯୯୫ଜଣ ପରୀକ୍ଷାର୍ଥୀ ଥିବାବେଳେ ୧୯ଜଣ ଅନୁପସ୍ଥିତ ଥିଲେ। ଯୁଯୁମୁରାର ୫କେନ୍ଦ୍ରରେ ୮୭୨ପରୀକ୍ଷାର୍ଥୀ ଥିବାବେଳେ ୩୩ ଜଣ ଅନୁପସ୍ଥିତ ଥିଲେ। କୁଚିଣ୍ଡାର ୯ଟି କେନ୍ଦ୍ରରେ ୧୪୬୮ଙ୍କ ମଧ୍ୟରୁ ୧୫ ଅନୁପସ୍ଥିତ ଥିଲେ। ମାନେଶ୍ୱରର ୧୦ଟି କେନ୍ଦ୍ରରେ ୧୪୫୬ପରୀକ୍ଷାର୍ଥିଙ୍କ ଭିତରୁ ୨୯ ଅନୁପସ୍ଥିତ ଥିଲେ। ନାକଟିଦେଉଳର ୫ଟି କେନ୍ଦ୍ରରେ ୯୨୪ ପରୀକ୍ଷାର୍ଥିଙ୍କ ମଧ୍ୟରୁ ୧୦ ଅନୁପସ୍ଥିତ ଥିଲେ। ରେଢାଖୋଲର ୯ଟି କେନ୍ଦ୍ରରେ ୧୨୧୦ପରୀକ୍ଷାର୍ଥିଙ୍କ ମଧ୍ୟରୁ ୧୬ ଜଣ ଅନୁପସ୍ଥିତ ଥିଲେ। ରେଙ୍ଗାଲିରେ ୬ଟି କେନ୍ଦ୍ରରେ ୭୦୪ ପରୀକ୍ଷାର୍ଥି ଥିବାବେଳେ ୩୨ ଅନୁପସ୍ଥିତ ଥିଲେ। ମୋଟ୍ ୧୨୨୦୫ଜଣ ପରୀକ୍ଷାର୍ଥୀଙ୍କ ଭିତରୁ ୧୧୯୭୯ ପରୀକ୍ଷା ଦେଇଥିବା ବେଳେ ୨୨୬ଜଣ ଅନୁପସ୍ଥିତ ଥିଲେ। ଜିଲ୍ଲାରେ ସରକାରୀ ଅନୁଦାନପ୍ରାପ୍ତ ଏବଂ ପଞ୍ଜୀକୃତ ବିଦ୍ୟାଳୟକୁ ମିଶାଇ ୨୧୦ଟି ହାଇସ୍କୁଲ ରହିଛି। ଜିଲ୍ଲାରେ ୬ଟି ନୋଡାଲ ସେଣ୍ଟର କରାଯାଇଛି। ଜିଲ୍ଲାର ବାମରା ହାଇସ୍କୁଲ, ବୁର୍ଲା ସରକାରୀ ବାଳକ ହାଇସ୍କୁଲ, ସମ୍ବଲପୁରର ଚନ୍ଦ୍ରଶେଖର ବେହେରା ଜିଲ୍ଲାସ୍କୁଲ, କୁଚିଣ୍ଡା ସରକାରୀ ବାଳିକା ହାଇସ୍କୁଲ, ରେଢ଼ାଖୋଲର ଗୌରଚନ୍ଦ୍ର ହାଇସ୍କୁଲ ଏବଂ ରେଙ୍ଗାଲିର ନ୍ୟୁ ରମ୍ପେଲା ହାଇସ୍କୁଲକୁ ନୋଡ଼ାଲ କେନ୍ଦ୍ର ଘୋଷଣା କରାଯାଇଛି। ପ୍ରଶ୍ନପତ୍ର ପରିଚାଳନା ପାଇଁ ୨୧ଟି ପ୍ରେରକ ଟିମ୍ ରହିଛନ୍ତି। ଏହା ବ୍ୟତୀତ ସମସ୍ତ ୭୮ଟି କେନ୍ଦ୍ରରେ ପର୍ଯ୍ୟବେକ୍ଷକ ଅବସ୍ଥାପିତ ରହିଥିଲେ। ପରୀକ୍ଷା କେନ୍ଦ୍ର ଗୁଡ଼ିକରେ କେନ୍ଦ୍ର ଅଧୀକ୍ଷକ ବ୍ୟତିରେକ ଶିକ୍ଷକ, ଶିକ୍ଷୟତ୍ରୀ ଏବଂ ଛାତ୍ରଛାତ୍ରୀଙ୍କ ଦ୍ୱାରା ମୋବାଇଲ ବ୍ୟବହାର ଉପରେ କଟକଣା ଜାରି ହୋଇଥିଲା। ପରୀକ୍ଷା କେନ୍ଦ୍ର ଏବଂ ପ୍ରଶ୍ନପତ୍ର ରହୁଥିବା ଷ୍ଟ୍ରଙ୍ଗରୁମ୍ ଆର୍ଟିଫିସିଏଲ୍ ଇଂଟିଲେଜେନ୍ସ (ଏମ୍‌ଆଇ ବା କୃତ୍ରିମତା କ୍ୟାମେରା) ନଜରରେ ରହିବ। ନୋଡ଼ାଲ କେନ୍ଦ୍ର ଓ ପରୀକ୍ଷା କେନ୍ଦ୍ର ଗୁଡ଼ିକରେ ସିସିଟିଭି କ୍ୟାମେରା ଖଞ୍ଜାଯାଇଛି। ନୋଡ଼ାଲ କେନ୍ଦ୍ରରେ ଏଆଇ କ୍ୟାମେରା ଲଗାଯାଇଛି।

## ଭୀମ ଭୋଇ, ଗଙ୍ଗାଧର ମେହେରଙ୍କ ଉପରେ ଡାକ ଟିକଟ୍ ଉନ୍ମୋଚିତ



**ସମ୍ବଲପୁର, ୨୦।୨(ସମିସ):** ଡାକ ଟିକେଟ୍ ଅସ୍ମିତା, ଗୌରବ, ସ୍ୱାଭିମାନ, ସମ୍ମାନ ଓ ପରିଚୟର ପ୍ରତୀକ ଅଟେ। ମଙ୍ଗଳବାର ସମ୍ବଲପୁର ବିଶ୍ୱବିଦ୍ୟାଳୟ ପରିସରରେ ସନ୍ଥକବି ଭୀମ ଭୋଇ ଓ ସ୍ୱଭାବ କବି ଗଙ୍ଗାଧର ମେହେର ଏବଂ ପଶ୍ଚିମ ଓଡ଼ିଶାର ସାଂସ୍କୃତିକ ଐତିହ୍ୟ ଉପରେ ୮ଗୋଟି ଡାକ ଟିକେଟ୍ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଛି। ଏହାସହ ପଶ୍ଚିମ ଓଡ଼ିଶାର ନୂଆଁଖାଇ, ଶୀତଳଷଷ୍ଠୀ, ସମ୍ବଲପୁରୀ ବାନ୍ଧ, ସମ୍ବଲପୁରୀ ନୃତ୍ୟ ଉପରେ ଗୋଟିଏ ଲେଖାଏଁ ଡାକ ଟିକେଟ୍ ଏବଂ ଧନୁଯାତ୍ରା ଉପରେ ଦୁଇଟି ଡାକ ଟିକେଟ୍ ଉନ୍ମୋଚନ କରିଥିଲେ। ୫ ଜିଲ୍ଲା ସମ୍ବଲପୁର, ବରଗଡ଼, ଦେବଗଡ଼, ଝାରସୁଗୁଡ଼ା ଓ ସୁନ୍ଦରଗଡ଼ ଜିଲ୍ଲାର ୪୨ଟି ଡାକଘର ମଧ କେନ୍ଦ୍ରମନ୍ତ୍ରୀ ଉଦଘାଟନ କରିଛନ୍ତି। ଓଡ଼ିଆ ଆଧୁନିକ କାବ୍ୟ ସାହିତ୍ୟର ମହାନ କବି ଗଙ୍ଗାଧର ମେହେରଙ୍କ ଜନ୍ମ ଜୟନ୍ତୀର ଶତବାର୍ଷିକୀ ପାଳନ ହେବାକୁ ଆଉମାତ୍ର କିଛିଦିନ ବାକି ଅଛି। ଏହି ସମୟରେ ଭାରତୀୟ ଡାକ ବିଭାଗ ପକ୍ଷରୁ ତାଙ୍କ ଉପରେ ଡାକ ଟିକେଟ୍ ଉନ୍ମୋଚନ ହେବା ଗୌରବର ବିଷୟ। ସେହିପରି ସନ୍ଥକବି ଭୀମ ଭୋଇ ମହିମା ଧର୍ମର ମହାନ ପ୍ରଚାରକ। ତାଙ୍କ ଉପରେ ଡାକ ଟିକେଟ ଉନ୍ମୋଚନ କରି ଭୀମ ଭୋଇଙ୍କୁ ସମ୍ମାନିତ କରିଥିବାରୁ ଶ୍ରୀ ପ୍ରଧାନ, ପ୍ରଧାନମନ୍ତ୍ରୀ ଏବଂ କେନ୍ଦ୍ର ରେଳମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସମ୍ବଲପୁର ସହ ଜଡ଼ିତ ପାରମ୍ପରିକ କଳା ଓ ଐତିହ୍ୟ ଉପରେ ଡାକ ଟିକଟ ଉନ୍ମୋଚନ ହେବା ଦ୍ୱାରା କଳା, ସଂସ୍କୃତି ଓ ପରମ୍ପରାର ସୁଦୂର ପ୍ରଚାରପ୍ରସାର ହେବ। ସ୍ଥାନୀୟ ଯୋଗାଯୋଗ ବ୍ୟବସ୍ଥାକୁ ଆହୁରି ମଜଭୁତ କରିବା ଦିଗରେ ଉଦଘାଟିତ ଅତ୍ୟାଧୁନିକ ଡାକଘରର ଅଗ୍ରଣୀ ଭୂମିକା ରହିବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି। ବୀର ସୁରେନ୍ଦ୍ର ସାଏ ମଧ୍ୟପ୍ରଦେଶର ଆସିରଗଡ଼ ଦୁର୍ଗରେ ଶେଷ ଜୀବନ କାଟିଥିଲେ। ଏହି ପରିପ୍ରେକ୍ଷୀରେ ଆସିରଗଡ଼ ଦୁର୍ଗରେ ବୀର ସୁରେନ୍ଦ୍ର ସାଏଙ୍କ ପୂର୍ଣ୍ଣାଙ୍ଗ ପ୍ରତିମୂର୍ତ୍ତି ସହ ସ୍ମାରକୀ ସ୍ଥାପନା ପାଇଁ ପଦକ୍ଷେପ ନେବା ପାଇଁ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଡା. ମୋହନ ଯାଦବ ମଧ ପ୍ରତିଶ୍ରୁତି ଦେଇଛନ୍ତି। ସେହି ସ୍ଥାନରେ ବୀର ସୁରେନ୍ଦ୍ର ସାଏଙ୍କ ପୂର୍ଣ୍ଣାଙ୍ଗ ପ୍ରତିମୂର୍ତ୍ତି ନିର୍ମାଣ ସହ ସ୍ମାରକୀ ସ୍ଥାପନା ହେଲେ ସମ୍ବଲପୁର ଅଞ୍ଚଳର ସ୍ୱାଭିମାନ ଓ ଆକାଂକ୍ଷା ପୂରଣ ହେବ। ଭିଡିଓ କନଫରେନ୍ସିଂ ମାଧ୍ୟମରେ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସାମିଲ ହୋଇଥିଲେ।

## କୁଚିଣ୍ଡା ଓ ଜମନକିରା ବ୍ଲକରୁ ଗଡ଼ିଲା ଲକ୍ଷ୍ମୀ ବସ୍

**କୁଚିଣ୍ଡା, ୨୦।୨(ସମିସ):** ମଙ୍ଗଳବାର ସକାଳୁ କୁଚିଣ୍ଡା ବ୍ଲକ ପରିସରରୁ ଲକ୍ଷ୍ମୀ ବସ୍ ଗଡୁଥିବା ଦେଖି ଅଞ୍ଚଳବାସୀ ବେଶ୍ ଉତ୍ସାହିତ ହୋଇଉଠିଥିଲେ। ସବୁଜ ପତାକା ଦେଖାଇ କୁନି କୁନି ସ୍କୁଲ ଝିଅମାନେ ଏହାର ଶୁଭାରମ୍ଭ କରିଥିଲେ। ସ୍ଥାନୀୟ ବିଧାୟକ କିଶୋର ଚନ୍ଦ୍ର ନାୟକ ନଡ଼ିଆ ଭାଙ୍ଗି ଥିଲେ। ଏହି ଅବସରରେ ବିଡ଼ିଓ ନିରଞ୍ଜନ ସା, ପିବିଏମ୍ ଷ୍ଟିପେନ୍ସନ ବେହେରାଙ୍କ ସହ ମିଶନ ଶକ୍ତି ସଭ୍ୟାମାନେ ଉପସ୍ଥିତ ଥିଲେ। ମିଶନ ଶକ୍ତି ଦ୍ୱାରା ପରିଚାଳିତ ଏହି ଲକ୍ଷ୍ମୀ ବସ୍ ପ୍ରଥମ କରି ଗୋଟିଏ ବସ୍ କୁଚିଣ୍ଡା, ପାରୁଅଭାଡ଼ି, ଗୋଛରା, ବାଙ୍କେ ଆଦି ସ୍ଥାନ ମାନଙ୍କୁ ଯାତାୟାତ କରିବ। ମା'ମାନଙ୍କ ପାଇଁ ୫ ଟଙ୍କା ରେ ଗାଁ ରୁ ସହର କୁ ଆସିବାର ବ୍ୟବସ୍ଥା ଥିବା ବେଳେ ସ୍କୁଲ କଲେଜ ଛାତ୍ରୀ ମାନଙ୍କ ପାଇଁ ମଧ ୫ଟଙ୍କା ରଖାଯାଇଛି। ଆଉ ଏଣିକି କୌଣସି ମା'ଙ୍କୁ ଗାଁ ଠାରୁ ସହର ଆସିବାକୁ ଅସୁବିଧା ରହିବ ନାହିଁ ବୋଲି ଚାରିଆଡ଼େ ଚର୍ଚ୍ଚା ହେଉଛି।



**ଜମନକିରା:** ଜମନକିରା ବ୍ଲକରେ ଲକ୍ଷ୍ମୀ ବସ୍ ସେବା ଆରମ୍ଭ ହୋଇଛି। ବିଡ଼ିଓ ରୀନା ନାଏକ ମଙ୍ଗଳବାର ସକାଳେ ବ୍ଲକ କାର୍ଯ୍ୟାଳୟରେ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ୧୯ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମ୍ବଲପୁର ଜିଲ୍ଲାରେ ଲକ୍ଷ୍ମୀ ବସ୍ ସେବା ଆରମ୍ଭ କରିବା ପରେ ୨୦ ତାରିଖରେ ଜମନକିରାରେ ଏହି ସେବା ହୋଇଛି। ସକାଳ ୬ ଟାରୁ ବସ୍‌ଟି ବ୍ଲକ ଛକରୁ ଗଡ଼ିବା ଆରମ୍ଭ କରି ଟିକିଲିପଡ଼ା, ସର୍ଡଖ, ଓ କଟଙ୍ଗପାଣି ପଞ୍ଚାୟତକୁ ଯାଇଥିଲା। ବ୍ଲକରେ ଲକ୍ଷ୍ମୀ ବସ୍ ସେବା ଆରମ୍ଭ ହୋଇଥିବାରୁ ସମସ୍ତେ ବହୁତ ଖୁସୀ ହେଉଥିବା ଦେଖାଯାଇଛି।



## ସର୍ଡ଼ା ବଡ଼ପୁଲିଆରେ ହାତୀଛୁଆର ମୃତଦେହ !

**ଜମନକିରା, ୨୦।୨(ସମିସ):** ବାମରା ବନଖଣ୍ଡ ଅଧୀନ ସର୍ଡ଼ାବଡ଼ପୁଲିଆ ନିକଟରେ ଏକ ହାତୀର ଗଳିତ ମୃତଦେହ ପଡ଼ିଥିବା ନେଇ ଚର୍ଚ୍ଚା ହେଉଛି। ଏହା ଜାଣିବା ପରେ ଘଟଣାସ୍ଥଳରେ ବନ ବିଭାଗର ଅଧିକାରୀମାନେ ପହଞ୍ଚିଛନ୍ତି। ଏ ନେଇ ବନ ବିଭାଗ କିଛି ସ୍ପଷ୍ଟ କରିନାହିଁ। ହେଲେ ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ ପ୍ରାୟ ୫ଦିନ ହେଲା ବଡ଼ପୁଲିଆ ନିକଟରେ ଦୁର୍ଗନ୍ଧ ହେଉଥିଲା। ଯିବାଆସିବା କରୁଥିବା ଲୋକେ କ'ଣ ଏତେ ଦୁର୍ଗନ୍ଧ ହେଉଛି ବୋଲି ଖୋଜିଥିଲେ। ଏହି ସମୟରେ ଏକ ହାତୀଛୁଆର ମୃତଦେହ ପଡ଼ିଥିବା ଦେଖି ବନ ବିଭାଗକୁ ଖବର ଦେଇଥିଲେ। ବନ ବିଭାଗ ସୂଚନା ପାଇ ଘଟଣାସ୍ଥଳରେ ପହଞ୍ଚିଥିଲା। ସୂଚନାଯୋଗ୍ୟ, ବଡ଼ରମା ଜଙ୍ଗଲରେ ଉଷାକୋଠି ଅଭୟାରଣ୍ୟ ରହିଛି। ଏହି ଜଙ୍ଗଲ ହାତୀମାନଙ୍କ ପାଇଁ ସଂରକ୍ଷଣ ରହିଛି। ହାତୀ ସୁରକ୍ଷା ନେଇ ବନ ବିଭାଗ କାମ ମଧ କରୁଛି। ହାତୀ ପଲକୁ ନଜର ରଖିବା ପାଇଁ ଆପ୍ ମଧ ରହିଛି। ପ୍ରତି ମୁହୂର୍ତ୍ତରେ ହାତୀଙ୍କ ଗତିବିଧି ବନ ବିଭାଗ ନିରୀକ୍ଷଣ କରିଆସୁଛି। ତେବେ ଗତ ୫ଦିନ ହେଲା ଏକ ହାତୀଛୁଆ ବନ ବିଭାଗ ରାଡାର୍‌ର ବାହାରେ ଥିବା ନେଇ ଆଲୋଚନା ହେଉଛି।

**ଘଟଣାସ୍ଥଳରେ ବନ ବିଭାଗ ଅଧିକାରୀ**

## ଏବିଇଓ ଦୁର୍ବ୍ୟବହାର କରିଥିବା ଅଭିଯୋଗ

**ରେଙ୍ଗାଲି, ୨୦।୨(ସମିସ):** ସମ୍ବଲପୁର ଜିଲ୍ଲା ରେଙ୍ଗାଲି ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର ଜଣେ କନିଷ୍ଠ କର୍ମଚାରୀଙ୍କୁ ଏବିଇଓ ଦୁର୍ବ୍ୟବହାର କରିଥିବା ଜିଲ୍ଲା ଶିକ୍ଷାଧକାରୀଙ୍କ ଠାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁସାରେ, ରେଙ୍ଗାଲି ବ୍ଲକ ଶିକ୍ଷାଧିକାରୀ କାର୍ଯ୍ୟାଳୟରେ କାର୍ଯ୍ୟରତ କନିଷ୍ଠ କର୍ମଚାରୀ ହିଂମାଂଶୁ ଶେଖର ପ୍ରଧାନଙ୍କୁ ଏବିଇଓ ମହେନ୍ଦ୍ର ବାଗ କାହିଁକି ଶିକ୍ଷକ ମାନଙ୍କ ଦରମା ଦେଉଛ କହି ଦୁର୍ବ୍ୟବହାର କରିଥିଲେ। ଏ ନେଇ କନିଷ୍ଠ କର୍ମଚାରୀ ହିଂମାଂଶୁ ଶେଖର ପ୍ରଧାନ ଓ ସେକ୍ସନ ଅଫିସର ଆର୍ତ୍ତତ୍ରାଣ ମିର୍ଦ୍ଧା ଜିଲ୍ଲା ଶିକ୍ଷାଧିକାରୀଙ୍କ ଠାରେ ଅଭିଯୋଗ କରିଛନ୍ତି।

## କବାଟ ଭାଙ୍ଗି ଚୋରି, ଚୋର ଗିରଫ

**କୁଚିଣ୍ଡା, ୨୦।୨(ସମିସ):** କୁଚିଣ୍ଡା ଥାନା ସୁଇପଦର ଗ୍ରାମର ଗଜେନ୍ଦ୍ର କିସାନଙ୍କ ଘର କବାଟ ଭାଙ୍ଗି ଟଙ୍କା ଚୋରି କରିଥିବା ଅଭିଯୋଗରେ ପୁଲିସ ଅଭିଯୁକ୍ତ ସୁରେଶ କିସାନ(୩୧)କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୋଗ ଅନୁସାରେ, ଗତ ସୋମବାର ଗଜେନ୍ଦ୍ର ପରିବାରବର୍ଗଙ୍କୁ ନେଇ ଗ୍ରାମରେ ହେଉଥିବା ଜଣକର ନିର୍ବନ୍ଧ କାମରେ ଯୋଗ ଦେଇଥିଲେ। ଏହି ସମୟରେ ସେହି ଗ୍ରାମର ସୁରେଶ ଗଜେନ୍ଦ୍ରଙ୍କ ଘରେ କେହି ନ ଥିବା ଦେଖି କବାଟ ଭାଙ୍ଗିବା ସହ ଘରେ ଥିବା ୭୫ହଜାର ଟଙ୍କା ଚୋରି କରିନେଇଥିଲା। ଗଜେନ୍ଦ୍ର ଆସି ଏହା ଦେଖିବା ପରେ ପୁଲିସ ଠାରେ ଅଭିଯୋଗ କରିଥିଲେ। ଏହାପରେ ପୁଲିସ ତଦନ୍ତ କରି ଅଭିଯୁକ୍ତ କରିବା ସହ ତା'ଠାରୁ ୩୮ ହାଜର ୪୯୦ ଟଙ୍କା ଜବତ କରିଥିଲା।



## ବାଇକ୍‌କୁ ଧକ୍କା ଦେଲା କାର୍, ଦୁଇ ଗୁରୁତର

**କୁଚିଣ୍ଡା, ୨୦।୨(ସମିସ):** ଲଇଡା ନିକଟସ୍ଥ କଟାପାଲି ବୁଲାଣି ରାସ୍ତାରେ ଏକ ବାଇକ୍ କୁ କାର୍ ଧକ୍କା ଦେବା ଫଳରେ ୨ଜଣ ଗୁରୁତର ହୋଇଥିବା ଜଣାପଡ଼ିଛି। ପରମାନପୁର ଗ୍ରାମର ଲିଙ୍ଗରାଜ ଗଡ଼ିଆ(୩୫) ପତ୍ନୀ ସୌଦାମିନୀ ଗଡ଼ିଆ(୩୦) ଏବଂ ତାଙ୍କ ଦୁଇ ଛୁଆ ଲଇଡା ପଟୁ ନିଜଘର ପରମାନପୁର ଅଭିମୁଖେ ଯାଉଥିଲେ। ତେବେ ସେମାନଙ୍କୁ କଟାପାଲି ବୁଲାଣି ରାସ୍ତାରେ ପଛପଟୁ ଆସୁଥିବା ଏକ କାର୍ ଧକ୍କା ଦେଇଥିଲା। ଫଳରେ ବାଇକ୍‌ରେ ଥିବା ପିଲାଛୁଆ ସହ ଲିଙ୍ଗରାଜ ବିଲକୁ ଛିଟିକି ହୋଇପଡ଼ିଥିଲେ। ଏଥିରେ ଲିଙ୍ଗରାଜଙ୍କ ଗୋଡ଼ ଭାଙ୍ଗିଯାଇଥିବା ସହ ଶରୀରର ବହୁ ସ୍ଥାନରେ କ୍ଷତ ହୋଇଛି। ଖୁସି ଗଡ଼ିଆ(୬) ର ମଧ ବହୁ ସ୍ଥାନରେ ଆଘାତ ଲାଗିଛି। ସମସ୍ତଙ୍କୁ ଉଦ୍ଧାର କରି ଗୋଛରାର ତରଣୀ ବଡ଼େଇଙ୍କ କାର୍‌ରେ ଲଇଡ଼ା ସ୍ୱାସ୍ଥ୍ୟ କେନ୍ଦ୍ରକୁ ଅଣାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଥିଲା। ଲଇଡା ଫାଣ୍ଡି ଅଧିକାରୀ ବସନ୍ତ ସାହୁ ଡାକ୍ତରଖାନାକୁ ପହଞ୍ଚି ଏମାନଙ୍କର ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିବା ସହ ଦୁର୍ଘଟଣା ସ୍ଥଳକୁ ଯାଇ ୨ଟି ଗାଡ଼ି ଜବତ କରି ତଦନ୍ତ ଜାରି ରଖିଛନ୍ତି।

## ବିଦେଶୀ ମଦ ଜବତ



**କୁଚିଣ୍ଡା, ୨୦।୨(ସମିସ):** କୁଚିଣ୍ଡା ପୁଲିସ ପାଟ୍ରୋଲିଂ କରୁଥିବା ସମୟରେ କୁଚିଣ୍ଡା ବଡ଼ପଡ଼ା ଅଞ୍ଚଳରେ ବିଦେଶୀ ମଦ କାରବାର ହେଉଥିବା ଖବର ପାଇଥିଲା। ଏହାପରେ ପୁଲିସ ବଡ଼ପଡ଼ାର ଧୀର କିସାନ(୨୪)ଙ୍କ ଘରେ ଚଢ଼ଉ କରିଥିଲେ। ତା'ଠାରୁ ୮ଲିଟର ବିଦେଶୀ ମଦ ବିଭିନ୍ନ ବ୍ରାଣ୍ଡର ଜବତ କରି ତାକୁ ଗିରଫ କରିଥିଲା।

## ବ୍ଲକସ୍ତରୀୟ ଜନଶୁଣାଣି କାର୍ଯ୍ୟକ୍ରମ

**ଜମନକିରା, ୨୦।୨(ସମିସ):** ଜମନକିରା ପଞ୍ଚାୟତ ସମିତି ସଭାଗୃହରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍, ଏନ୍‌ଏଫ୍‌ଏସ୍‌ଏ, ଆଇସିଡିଏସ୍ ଏବଂ ମମତା ଯୋଜନାର ବ୍ଲକସ୍ତରୀୟ ଜନଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଜମନକିରା ବିଡ଼ିଓ ରୀନା ନାଏକ, ଏବିଡ଼ିଓ ରବୀନ୍ଦ୍ର ରଣା, ସମ୍ବଲପୁର ଜିଲ୍ଲା ସାମାଜିକ ସମୀକ୍ଷକ ଆର୍ତ୍ତତ୍ରାଣ ଶତପଥି, ସମ୍ବଲପୁର ଲୋକପାଳ ବ୍ରଜେନ୍ଦ୍ର ପଣ୍ଡା, ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ ମନୋଜ କୁମାର ଭୋଇ, ଯୋଗାଣ ନିରୀକ୍ଷକ ପ୍ରଶାନ୍ତ ଶ୍ରୀଚନ୍ଦନ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ସମସ୍ତ ଗ୍ରାମରୋଜଗାର ସେବକ, ପଞ୍ଚାୟତ ନିର୍ବାହୀ ଅଧିକାରୀ, ସରପଞ୍ଚ, ବିଭାଗୀୟ ଅଧିକାରୀ, ବ୍ଲକ ସାମାଜିକ ସମୀକ୍ଷକ, ଜବକାର୍ଡ ଧାରି ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ବିଡ଼ିଓ ରୀନା ନାଏକ ସମସ୍ତଙ୍କୁ ସ୍ୱାଗତ ଜଣାଇଥିଲେ। ମନୋଜ କୁମାର ଭୋଇ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଆର୍ତ୍ତତ୍ରାଣ ଶତପଥି ଆସିଥିବା ବିଭିନ୍ନ ଅଭିଯୋଗର ଶୁଣାଣି କରିବା ସହିତ ଉପଯୁକ୍ତ ପଦକ୍ଷେପ ନେବା ପାଇଁ ବିଡ଼ିଓଙ୍କୁ ଜଣାଇଥିଲେ। ସମୁଦାୟ ୭୮ଗୋଟି ଅଭିଯୋଗର ଶୁଣାଣି ହୋଇଥିଲା। ସେଥିମଧ୍ୟରୁ ଗ୍ରାମପଞ୍ଚାୟତର ୫୦ଗୋଟି, ଉଦ୍ୟାନ ବିଭାଗର ୩ଗୋଟି, ଜଙ୍ଗଲ ବିଭାଗର ୬ଗୋଟି, ଆଇଟିଡିଏର ୧୨ଗୋଟି ଏବଂ ମୃତ୍ତିକା ସଂରକ୍ଷଣ ବିଭାଗର ୭ଗୋଟି ଅଭିଯୋଗର ଶୁଣାଣି ହୋଇଥିଲା। ଏହାପରେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ, ଆଇସିଡିଏସ୍ ଏବଂ ମମତା ଯୋଜନାରୁ ଆସିଥିବା ଅଭିଯୋଗ ଗୁଡ଼ିକର ଶୁଣାଣି ହୋଇଥିଲା। ଶେଷରେ ମନୋଜ କୁମାର ଭୋଇ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବାଲି ଅତଡ଼ା ଖସି ଯୁବକ ମୃତ

**କୁଚିଣ୍ଡା, ୨୦।୨(ସମିସ):** ମହୁଲପାଲି ଥାନା ଅଧିନସ୍ଥ ମହୁଲପାଲି ଗ୍ରାମ ପାଖରେ ଥିବା ନଦୀ ପଠାରେ ଏକ ଟ୍ରାକ୍ଟରରେ ବାଲି ଭର୍ତ୍ତି କରୁଥିବା ବେଳେ ଜନୈକ ଶ୍ରମିକ ଅନାମ ରୋହିଦାସ(୨୮)ଙ୍କ ମୃତ୍ୟୁ ଘଟିଛି। ସୂଚନା ଅନୁସାରେ, ଅନାମ ଟ୍ରାକ୍ଟରରେ ବାଲି ଭରୁଥିବା ସମୟରେ ବାଲି ଅତଡ଼ା ଖସିଆସିଥିଲା। ଫଳରେ ସେ ଟ୍ରାକ୍ଟରେ ବାଡ଼େଇ ହୋଇଥିଲେ ଏବଂ ବାଲିରେ ଚାପି ହୋଇଥିଲେ। ସେଠାରୁ ତାଙ୍କୁ ତୁରନ୍ତ ଉଦ୍ଧାର କରାଯାଇ ଡାକ୍ତରଖାନା ନିଆଯାଇଥିଲା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ପୁଲିସ ଘଟଣାର ତଦନ୍ତ କରୁଛି।



## ରାଜସ୍ୱ କ୍ଷେତ୍ର ଅଧିକାରୀଙ୍କ ଧାରଣା

**ଜମନକିରା, ୨୦।୨(ସମିସ):** ଜମନକିରା ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଓଡ଼ିଶା ରାଜ୍ୟ ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘର ନିର୍ଦ୍ଦେଶ କ୍ରମେ ଜମନକିରା ତହସିଲ ଅନ୍ତର୍ଭୁକ୍ତ ଜମନକିରା, ଫାଶୀମାଲ, ଗୁଣ୍ଡରୁଛୁଆଁ, ଟାଙ୍ଗରାଣୀ, ବଡ଼ରମା, ଗୌଡ଼ପାଲି, ଭୋଜପୁର ଓ ମୁଡ଼େନପାଲି ରାଜସ୍ୱ ବିଭାଗ କାର୍ଯ୍ୟାଳୟରେ କାର୍ଯ୍ୟରତ ଆର୍‌ଏସ୍, ଆର୍‌ଆଇ ଓ ଏଆର୍‌ଆଇ ମାନେ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ୬ ଦଫା ଦାବି ନେଇ ଧାରଣାରେ ବସିଥିଲେ। ଦାବି ଗୁଡ଼ିକ ମଧ୍ୟରେ ରାଜସ୍ୱ କ୍ଷେତ୍ର କର୍ମଚାରୀଙ୍କ କ୍ୟାଡ଼ର ପୁନର୍ଗଠନ, ସହକାରୀ ରାଜସ୍ୱ ନିରୀକ୍ଷକଙ୍କ ବେତନ ବୃଦ୍ଧି, ରାଜସ୍ୱ ସୁପରଭାଇଜର ପଦର ନାମକରଣର ଅତିରିକ୍ତ ତହସିଲଦାରଙ୍କୁ ପରିବର୍ତ୍ତନ କରାଯିବା ଅନ୍ୟତମ। ଏହି ଧାରଣାରେ ସୀତାକାନ୍ତ ବାରିକ, ବିକ୍ରମାଦିତ୍ୟ ଭୋଇ, ରଂଜିତା ଭୋଇ, ସବିତା ଭେଙ୍ଗରା, ଦୁତୀୟା କିଷାନ, ଭୀଷ୍ମ ପ୍ରଧାନ, ଅଚ୍ୟୁତାନନ୍ଦ ନାଥ, ଟିକେଶ୍ୱରୀ କିଷାନ, ସୁନିତା ସାହୁ, ସୁଚିତ୍ରା ପଟେଲ, ଭବାନୀ ଶଙ୍କର ଦଳେଇ, କପିଳେଶ୍ୱର ଧରୁଆ ଓ ରାଜେଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ୭୫କେଜି ଗଞ୍ଜେଇ ସହ କାର୍ ଜବତ, ଜଣେ ଗିରଫ

**ରେଢ଼ାଖୋଲ, ୨୦।୨(ସମିସ):** ରେଢ଼ାଖୋଲ ଅଞ୍ଚଳ ଦେଇ ଗଞ୍ଜେଇ ଚୋରାଚାଲାଣ ଦିନକୁ ଦିନ ବଢ଼ି ଚାଲିଥିବା ବେଳେ ମଙ୍ଗଳବାର ରେଢ଼ାଖୋଲ ଅବକାରୀ ବିଭାଗକୁ ଏକ ବଡ଼ ସଫଳତା ମିଳିଛି। ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ ଅନ୍ତର୍ଗତ କଦଳିଗଡ଼ ଗ୍ରାମପଞ୍ଚାୟତ ଅଧୀନ କନ୍ଧରା ଗ୍ରାମ ଛକ ନିକଟରେ ୭୫କେଜି ଗଞ୍ଜେଇ ସହ ଏକ କାର୍‌କୁ ଜବତ କରିଛି। ଗଞ୍ଜେଇ ଚୋରାଚାଲାଣ କରୁଥିବା ଅଭିଯୁକ୍ତ ବରଗଡ଼ ଥାନା ଜଗଦଲପୁର ବୈତଳଭାଡର ପରମାନନ୍ଦ ରବନ୍(୨୧)କୁ ଅବକାରୀ ବିଭାଗ ଗିରଫ କରିଛି।



ରେଢ଼ାଖୋଲ ଅବକାରୀ ବିଭାଗ ଅଧିକାରୀ ଯାଦବ ପ୍ରଧାନଙ୍କ ନେତୃତ୍ୱରେ ଅବକାରୀ ବିଭାଗ କର୍ମଚାରୀମାନେ କନ୍ଧରା ଗ୍ରାମ ଛକ ନିକଟରେ ପାଟ୍ରୋଲିଂ କରୁଥିବା ସମୟରେ ଉକ୍ତ ଅଭିଯୁକ୍ତ ବୌଦ୍ଧ ଜିଲ୍ଲା ପଟରୁ ଅନଗୁଳ ଜିଲ୍ଲାକୁ ବେଆଇନ ଭାବେ ଗଞ୍ଜେଇ ନେଇଥିବା ଜାଣି ଚଢ଼ଉ କରିଥିଲେ। ସେ ଏକ ଡିଜାୟର୍ କାର୍ ଓଡି ୦୨ ବିଏନ ୯୪୬୫ ନମ୍ବର ଗାଡ଼ିରେ ୭୫କେଜି ଗଞ୍ଜେଇ ଚୋରାଚାଲାଣ କରୁଥିଲା। ଅଧିକାରୀମାନେ ଚଢ଼ଉ କରି ଅଭିଯୁକ୍ତକୁ ଗିରଫ କରିବା ସହ କାର୍ ଏବଂ ଗଞ୍ଜେଇ ଜବତ କରିଥିଲେ। ଏହି ଚଢ଼ଉରେ ଅବକାରୀ ବିଭାଗ କର୍ମଚାରୀ ଜଗନ୍ନାଥ ମୁଣ୍ଡା, ରାକେଶ ମହାନ୍ତି, ବଳଭଦ୍ର ବେହେରା, ଶାନ୍ତନୁ ବେହେରା, ସୁଭାଷିନୀ ମାଝୀ ପ୍ରମୁଖ ସାମିଲ ଥିଲେ। ଏ ସଂକ୍ରାନ୍ତରେ ରେଢ଼ାଖୋଲ ଅବକାରୀ ବିଭାଗ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି।

## ସମ୍ବଲପୁର ଚିଡ଼ିଆଖାନାରେ ୮ ନୂଆ ଅତିଥି

**ସମ୍ବଲପୁର, ୨୦।୨(ସମିସ)**

ହୀରାକୁଦ ବନ୍ୟପ୍ରାଣୀ ଡିଭିଜନ ଅନ୍ତର୍ଗତ ସମ୍ବଲପୁର ଚିଡ଼ିଆଖାନାକୁ ଆଜି ୮ଟି କୁଜି ହରିଣ- 'ହୋ ଡିଅର୍' ଆସିଛନ୍ତି। ଏମାନଙ୍କୁ ନନ୍ଦନକାନନ ଚିଡ଼ିଆଖାନାରୁ ଅଣାଯାଇଛି। ଚଳିତବର୍ଷ ନନ୍ଦନକାନନ ଏବଂ ସମ୍ବଲପୁର ଚିଡ଼ିଆଖାନା ମଧ୍ୟରେ ବନ୍ୟପ୍ରାଣୀ ବିନିମୟ କାର୍ଯ୍ୟକ୍ରମ ପାଇଁ ହୋଇଥିବା ବୁଝାମଣା ପରିପ୍ରେକ୍ଷୀରେ ଏହି ବନ୍ୟପ୍ରାଣୀମାନଙ୍କୁ ଅଣାଯାଇଛି। ଏମାନଙ୍କ ମଧ୍ୟରେ ୪ ଅଣ୍ଡିରା ଏବଂ ୪ ମାଈ କୁଜି ହରିଣ ଅଛନ୍ତି। ଏହି ପ୍ରଜାତିର ହରିଣ ଦକ୍ଷିଣପୂର୍ବ ଏସିଆ, ଯୁକ୍ତରାଷ୍ଟ୍ର ଆମେରିକା ଏବଂ ଅଷ୍ଟ୍ରେଲିଆରେ ଦେଖାଯାଆନ୍ତି। ଏମାନେ ଇନ୍‌ଡ୍ରୋ-ଚାଇନିଜ୍ ହୋ ଡିଅର୍ ଭାବରେ ପରିଚିତ। ଏମାନଙ୍କ ଶାରୀରିକ ଗଠନ ଦର୍ଶକମାନଙ୍କୁ ଦେଖିବା ପାଇଁ ଆକର୍ଷିତ କରିଥାଏ। ଋତୁ ପରିବର୍ତ୍ତନ ସହିତ ଏହି ହରିଣମାନଙ୍କ ଶରୀର ରଙ୍ଗରେ ମଧ ପରିବର୍ତ୍ତନ ଆସିଥାଏ। ଏହି ପ୍ରଜାତିର ଅଣ୍ଡିରା ହରିଣଙ୍କ ଶିଂଘ ମଧ ଭିନ୍ନ ପ୍ରକାରର। ଏମାନଙ୍କୁ ଦେଶର ବନ୍ୟପ୍ରାଣୀ ସଂରକ୍ଷଣ ଆଇନ-୧୯୭୨ର ଅନୁଚ୍ଛେଦ-୩ରେ ସାମିଲ କରାଯାଇଛି। ଏମାନଙ୍କୁ ସମ୍ବଲପୁର ଅଣାଯାଇଥିବା ବେଳେ ଏଠାରୁ ନନ୍ଦନକାନନକୁ ୫ଟି ଅଣ୍ଡିରା ଏବଂ ମାଈ ସମ୍ବର ପଠାଯିବ। ସମ୍ବଲପୁର ଚିଡ଼ିଆଖାନାରେ ପର୍ଯ୍ୟାପ୍ତ ସଂଖ୍ୟକ ସମ୍ବର ଅଛନ୍ତି। ନନ୍ଦନକାନନରୁ ଆସିଥିବା ଏହି ହରିଣମାନଙ୍କୁ ଏକ ମାସ ସଂଗରୋଧରେ ରଖାଯିବା ପରେ ଦର୍ଶକମାନେ ଦେଖିବାର ସୁଯୋଗ ପାଇବେ। ଦୁଇମାସ ଆଗରୁ ଏଠାକୁ ନନ୍ଦନକାନନରୁ ଅଣାଯାଇଥିବା ୮ଟି କୃଷ୍ଣସାର ମୃଗ ସୁସ୍ଥ ଅଛନ୍ତି। ଏହା ସହିତ ବନ୍ୟପ୍ରାଣୀ ଡିଭିଜନ ପକ୍ଷରୁ ସମ୍ବଲପୁର ଚିଡ଼ିଆଖାନାରେ ଗୋଲା ଉଦ୍ୟାନ, ନକ୍ ଟର୍ଣ୍ଣାଲ ହାଉସ ଏବଂ ଅର୍କିଡରିୟମ୍ ସାମିଲ୍ ହୋଇଛି। ଏଠାରେ ବିଭିନ୍ନ ପ୍ରଜାତିର ହରିଣ, ସମ୍ବର, କଲରାପତରିଆ ବାଘ, ମୟୂର, କୃଷ୍ଣସାର ମୃଗ, ବିଭିନ୍ନ ପ୍ରଜାତିର ପକ୍ଷୀଙ୍କୁ ମିଶାଇ ୧୮ରୁ ଊର୍ଦ୍ଧ୍ୱ ପ୍ରଜାତିର ବନ୍ୟଜନ୍ତୁ ଅଛନ୍ତି। ଆଗାମୀ ବର୍ଷମାନଙ୍କରେ ଏଠାରେ ବାଘ, ନୀଳ ଗାଈ, ଗଣ୍ଡାଗୟଳ, ଜଙ୍ଗଲୀ ଶ୍ୱାନ, କୁଳିହା ପ୍ରଭୃତି ବନ୍ୟଜନ୍ତୁଙ୍କୁ ସାମିଲ୍ କରାଯିବ ବୋଲି ଡିଏଫଓ ଅଂଶୁପ୍ରଜ୍ଞା ଦାଶ କହିଛନ୍ତି।



## ୧୪ତମ ରାଜ୍ୟସ୍ତରୀୟ ଉତାଲଗଡ଼ ନାଟକ ମହୋତ୍ସବ ଉଦ୍‌ଯାପିତ

# ନାଟ୍ୟ ଆନ୍ଦୋଳନ ପାଇଁ ଇତିହାସ ସୃଷ୍ଟି କରୁଛି ଉତାଲଗଡ଼

ବିଜେପୁର, ୨୦।୨(ସମିସ)

ସମ୍ପ୍ରତି ଭାଷା, ସାହିତ୍ୟର ଆନ୍ଦୋଳନ ବ୍ୟାପକ ଚାଲିଥିବା ବେଳେ ହଜାର ହଜାର ଦର୍ଶକଙ୍କ ଗହଣରେ ନାଟକ ପାଇଁ ବିରଳ ପରିବେଶ ପରିଷଦ ସଦସ୍ୟା ଝରଣା ପାଣିଗ୍ରାହୀ, ବରପାଳିର ସାମାଜିକ କର୍ମୀ ସୁରେନ୍ଦ୍ର ପାତ୍ର, ଯୁବ ସ୍ୱେଚ୍ଛାସେବୀ ଅଭିଷେକ ସେଠ, ସ୍ଥାନୀୟ ସରପଞ୍ଚ କାମିନୀ ପଧାନ, ସମିତି ସଦସ୍ୟ ସଞ୍ଜୁ ପଧାନ ପ୍ରମୁଖ ଅତିଥି ଉତାଲଗଡ଼ ମହୋତ୍ସବ ଏକ ସାମାଜିକ, ସାଂସ୍କୃତିକ ସମଲେଇ ଭଜନ ଓ ପୁରୀ ଜାଗୃତୀ ଯୁବ ସଂଗଠନର କଳାକାରମାନଙ୍କ ସମ୍ବଲପୁରୀ ଓ ଆଦିବାସୀ ନୃତ୍ୟରେ ଖଗେଶ୍ୱର ମଣ୍ଡପ ଦୁଲୁକି ଉଠିଥିଲା। ଏହାପରେ ପ୍ରଥମରେ ନାଟ୍ୟକାର କେଶରଞ୍ଜନ ପଧାନଙ୍କ ନିର୍ଦ୍ଦେଶିତ ନାଟକ 'ଗାନ୍ଧୀଛକ' ଲୁ ଦର୍ଶକଙ୍କ ବୌଦ୍ଧିକତାକୁ ସ୍ପର୍ଶ କରିଥିଲା। ଶେଷ ନାଟକ ରାମାଶିଷ ତ୍ରିପାଠିଙ୍କ ରଚିତ ଓ ସଞ୍ଜୟ ବେହେରାଙ୍କ ନିର୍ଦ୍ଦେଶିତ ନାଟକ 'ମଉଳା ଭାର'କୁ ସମର୍ପଣ ବରଗଡ଼ର କଳାକାରମାନେ ପରିବେଷଣ କରିଥିଲେ। ହାସ୍ୟରସାତ୍ମକ ଶୈଳୀରେ ପରିବେଷିତ ଏହି ନାଟକକୁ ଦର୍ଶକ ମନଭରି ଉପଭୋଗ କରିଥିଲେ। ବାହା ସମୟର ମଉଲାଭାର ଦୁଇ ପରିବାର ମଧ୍ୟରେ ସମ୍ପର୍କର ସେତୁ ତିଆରି କରିଥାଏ। ମାତ୍ର ବେଳେ ବେଳେ ଏହାକୁ ବୋଝ ବୋଲି ଗ୍ରହଣ କରୁଥିବା ଚିତ୍ର ସମ୍ପର୍କର ଦୂରତାକୁ ସୁଚାଉଥିବା ସମାଜିକ ଅବକ୍ଷୟକୁ ରୋକିବାକୁ





ସୃଷ୍ଟି କରୁଥିବା ଉତାଲଗଡ଼ ଉଚ୍ଛବ ମାଇଲଖମା ହୋଇଛି। ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରୁଥିବା ଏହି ମହୋତ୍ସବକୁ ନାଟ୍ୟପ୍ରେମୀ ତଥା ଗବେଷକମାନେ ଦୃଷ୍ଟିଦେବା ଆବଶ୍ୟକ ରହିଛି ବୋଲି ଉତାଲଗଡ଼ ମହୋତ୍ସବ-୨୦୨୪ର ଉଦ୍‌ଯାପନୀ ଦିବସ ଅବସରରେ ଅତିଥିବୃନ୍ଦ ମତବ୍ୟକ୍ତ କରିଛନ୍ତି। ଅନୁଷ୍ଠାନ ସଂଯୋଜକ ଅଧ୍ୟାପକ ସୁଶାନ୍ତ ମିଶ୍ରଙ୍କ ପରିଚାଳନା ଏବଂ ସଭାପତି ସର୍ଜନ ପଧାନଙ୍କ ସଭାପତିତ୍ୱରେ ଉଦ୍‌ଯାପନୀ ସଭା ଅନୁଷ୍ଠିତ ହୋଇଥିଲା। ସମାରୋହରେ ବରଗଡ଼ ଜିଲ୍ଲାପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ, ବିଜେପୁର ଜମିଦାର ସନତ ଗଡ଼ତିଆ, ଗାଇସିଲେଟ ଜିଲ୍ଲା ଆନ୍ଦୋଳନରେ ପରିଣତ ହୋଇଛି ବୋଲି ପ୍ରଶଂସା କରିଥିଲେ। ପୂର୍ବତନ ସଭାପତି ସୋମନାଥ ପଧାନ, ହୃଦମଣି ସାହୁ, ବାସୁଦେବ ପଧାନ, କ୍ଷିତିପତି ରଣା, ଗଜାନନ ସାହୁ, ବିବେକାନନ୍ଦ ପଧାନ ପ୍ରମୁଖ ଉପସ୍ଥିତ ଥିଲେ। ସମ୍ପାଦକ ଉମେଶ ଭୋଇ ବିବରଣୀ ଉପସ୍ଥାପନ କରିଥିବା ବେଳେ ବରିଷ୍ଠ ସଦସ୍ୟ ସୁଶାନ୍ତ ରଞ୍ଜନ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ। ସମଲେଶ୍ୱରୀଙ୍କ ପୂଜାର୍ଚ୍ଚନା ପରେ ଏବଂ ସାହିତ୍ୟ ପ୍ରାଣକବି ଖଗେଶ୍ୱର ସେଠ ତଥା ଦିବଂଗତ ପୂର୍ବତନ ସଭାପତି ରାଜକିଶୋର ମିଶ୍ରଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। କଣ୍ଠଶିଳ୍ପୀ ଅଜିତ ପାଣିଗ୍ରାହୀଙ୍କ କଣ୍ଠରୁ ପଦ୍ମପୁର ତରଫରୁ ପରିବେଷିତ ହୋଇଥିଲା। ହାସ୍ୟ ବ୍ୟଙ୍ଗଶୈଳୀରେ ପରିବେଷିତ ଏହି ନାଟକରେ ଗାନ୍ଧୀ ଚେତନା ଅନ୍ତସ୍ୱର ଦର୍ଶକଙ୍କୁ ଆଲୋଡିତ କରିଥିଲା। ସାମ୍ପ୍ରତିକ ସମାଜରେ ଗାନ୍ଧୀବାଦର ପ୍ରାସଙ୍ଗିକତା ବିଭିନ୍ନ ଦୃଶ୍ୟପଟ ମାଧ୍ୟମରେ କଳାକାରଙ୍କ ଦ୍ୱରା ପ୍ରଦର୍ଶିତ ହୋଇଥିଲା। ଦ୍ୱିତୀୟରେ ମିରର ଥିଏଟର ବେଲପାହାଡ ପକ୍ଷରୁ ନାଟ୍ୟକାର ସୁବାସ ପଧାନଙ୍କ ରଚିତ ଓ ନିର୍ଦ୍ଦେଶିତ 'କାଠର ଚୌକି' ଥିଲା ଭିନ୍ନ ସ୍ୱାଦର ନାଟକ। ରାଜତନ୍ତ୍ରରେ କ୍ଷମତାର କେନ୍ଦ୍ରବିନ୍ଦୁ ପାଳଟିଥିବା କାଠର ଚୌକି ଗାଁର ଗଣତନ୍ତ୍ରକୁ ପ୍ରଭାବିତ କରୁଛି। ତେଣୁ ବିଚାର ପରିବର୍ତ୍ତନ ପାଇଁ ପ୍ରୟାସ କରୁଥିବା ଏହି ପ୍ରତୀକଧର୍ମୀ ନାଟକଟି ଚେଷ୍ଟାକରାଯାଇଛି ନାଟକ ମାଧ୍ୟମରେ। ପୂର୍ବତନ ସରପଞ୍ଚ ନାରାୟଣ ଭୋଇ, କିଶୋର ଦେବତା, ରାମଚନ୍ଦ୍ର ପାତ୍ର, କବି ହରିଲାଲ ସାହୁ, ଅଧିକାରୀ ସା, ସଂଗଠକ ଦିଲ୍ଲୀପ ଦେବତା, ରାଜେଶ୍ୱର ବେହେରା, ନାଟ୍ୟକାର ରାଜେଶ କାରିଆ, ସାମ୍ବାଦିକ ପଦ୍ମଲୋଚନ ସାହୁ, ଅଧ୍ୟାପକ ପଞ୍ଚାନନ ମିଶ୍ର, ଧନପତି ଦେବତା, ମକରଧ୍ୱ ସାହୁ ପ୍ରମୂଖ ବିଭିନ୍ନ ନାଟକରେ ଅତିଥି ଭାବରେ ଯୋଗଦାନ କରିଥିଲେ। ଚୈତନ୍ୟ ବିଶ୍ୱାଳ, ନେତ୍ରାନନ୍ଦ ସାହୁ, ଗଣନାଥ ପଧାନ, ମିକୁ ସାହୁ, ଚିକୁ ସାହୁ, ମିଳନ ବନଛୋର, ମୁନା ପଧାନ, ଶମ୍ଭୁ ସାହୁ, ସୁଶୀଲ ବିଶ୍ୱାଳଙ୍କ ସମେତ ନାଟ୍ୟ ସଂସଦର ସଦସ୍ୟବୃନ୍ଦ ସହଯୋଗ କରିଥିଲେ।

## କତାବଗା ସମଲେଇ ମନ୍ଦିରରୁ ମାଁଙ୍କ ଅଳଙ୍କାର ଚୋରି

**ଅତାବିରା, ୨୦।୨ (ସମିସ):** ସୋମବାର ମଧ୍ୟରାତ୍ରିରେ ଅତାବିରା ଥାନା ଲଟିଦା ପଞ୍ଚାୟତ କତାବଗା ସମଲେଇ ମନ୍ଦିରରୁ ମାଁ ସମଲେଇ ମନ୍ଦିରରୁ ଚୋରି ହୋଇଥିବା ଅଭିଯୋଗ ହୋଇଛି । ଦୁର୍ବୃତ୍ତମାନେ ମାଁଙ୍କ ସୁନା ମକୁଟ,



ସୁନା ହାର, ରୂପାର ଛତର, ସୁନାର ଲକେଟ ସମେତ ବହୁ ମୂଲ୍ୟବାନ ସାମଗ୍ରୀ ଚୋରି କରି ନେଇଥିବା ଜଣାପଡିଛି। ଚୋରି ସମ୍ପର୍କରେ କତାବଗା ଗ୍ରାମବାସୀ ଅତାବିରା ଥାନାକୁ ଖବର ଦେଇଥିଲେ। ପରେ ମଙ୍ଗଳବାର ଅପରାହ୍ନରେ ଅତାବିରା ଥାନାଧିକାରୀ ସୁକୁମାର ତ୍ରିପାଠୀ ଓ ତାଙ୍କ ଟିମ ଘଟଣାସ୍ଥଳକୁ ପହଞ୍ଚି ତଦନ୍ତ କରିଛନ୍ତି। ଦୁଇ ଦିନ ପୂର୍ବରୁ କତାବଗା ସମଲେଇ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ସମାପ୍ତ ହୋଇଥିବା ବେଳେ ମନ୍ଦିରରୁ ମାଁଙ୍କ ଅଳଙ୍କାର ଚୋରି ଘଟଣାକୁ ନେଇ ବିଭିନ୍ନ ମହଲରେ ଉଦବେଗ ପ୍ରକାଶ ପାଇଛି।

## କଳାବ୍ୟାଜ୍ ପିନ୍ଧିଲେ ମାଣ୍ଡୋସିଲ କସ୍ତୁରବାଗାନ୍ଧୀ ବାଳିକା ବିଦ୍ୟାଳୟର କର୍ମଚାରୀ

**ପାଇକମାଳ, ୨୦।୨ (ସମିସ):** ପାଇକମାଳ ବ୍ଲକ ମାଣ୍ଡୋସିଲ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର ଶିକ୍ଷକ ଓ କର୍ମଚାରୀମାନେ ମଙ୍ଗଳବାର କଳାବ୍ୟାଜ ପରିଧାନ କରିଛନ୍ତି। କର୍ମଚାରୀମାନେ ୭ଦଫା ଦାବିନେଇ କଳାବ୍ୟାଜ ପରିଧାନ କରି ପ୍ରତିବାଦ କରିଥିଲେ। ଦାବିଗୁଡ଼ିକ ମଧ୍ୟରେ ଚାକିରି ସର୍ତ୍ତାବଳୀ, ଯୋଗ୍ୟତା ଭିତ୍ତିରେ ବିଦ୍ୟାଳୟରେ ସ୍ଥାୟୀ ନିଯୁକ୍ତି, ସମାନ କାମକୁ ସମାନ ଦରମା, ଶିକ୍ଷକ ଓ କର୍ମଚାରୀଙ୍କୁ ଯଥାକ୍ରମେ ୨୪ ଘଣ୍ଟା ଓ ୧୨ ଘଣ୍ଟା ନିୟୋଜନ ବନ୍ଦ, କର୍ତ୍ତୃପକ୍ଷଙ୍କ ଦ୍ୱାରା ସାମାଜିକ ସୁରକ୍ଷା ଓ ପାରିବାରିକ ଦାୟିତ୍ୱ ଗ୍ରହଣ, କର୍ମଚାରୀଙ୍କ ପ୍ରତି ବୈମାତୃକ ମନୋଭାବ ବନ୍ଦ, ସମସ୍ତ କର୍ମଚାରୀଙ୍କୁ ଇପିଏଫ, ଇଏସଆଇ ପେନସନ ପ୍ରଦାନ ସହ କାର୍ଯ୍ୟରତ ସମୟରେ ମୃତ୍ୟୁ ହେଲେ ସହାୟତା ରାଶି ପ୍ରଦାନ ଆଦି ପୂରଣ ନ ହେବା ପର୍ଯ୍ୟନ୍ତ ପ୍ରତିବାଦ ଚାଲୁ ରହିବା ପାଇଁ ମିଳିତ ସଂଘ ପକ୍ଷରୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଜୟସ୍ମିତା ମାହାନ୍ତି, ସସ୍ମିତା ରଣା, ଝରଣା ସାହୁ, ଜାମା ବରିହା, ତୁଷାରିକା ମହାନନ୍ଦ ଶିକ୍ଷକ ଓ କର୍ମଚାରୀ କଳାବ୍ୟାଜ ପରିଧାନ କରିଥିଲେ।



## ମାନପୁର ନୋଡାଲ ୟୁପି ସ୍କୁଲର ବାର୍ଷିକ ଉତ୍ସବ



**ଭେଡେନ, ୨୦।୨(ସମିସ):** ଭେଡେନ ବ୍ଲକ ମାନପୁର ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଙ୍ଗଳବାର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଅନ୍ତର୍ଯ୍ୟାମୀ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବରେ ଜିଲ୍ଲା ଶିକ୍ଷାଧିକାରୀ ମିତ୍ରଭାନୁ କଚ୍ଛପ, ସମ୍ମାନିତ ଅତିଥି ଭାବରେ ବ୍ଲକ ଶିକ୍ଷା ଅଧିକାରୀ ମଚ୍ଛିନ୍ଦ୍ର ମଲ୍ଲିକ, ସିଆରସିସି ଝସକେତନ ବରିହା, ପରିଚାଳନା କମିଟି ସଭାପତି ଝସକେତନ ପାଣିଗ୍ରାହୀ ପ୍ରମୁଖ ଯୋଗଦାନ କରିଥିଲେ। ସ୍କୁଲ ନିର୍ମାଣ ସମୟରେ ଭୂମିଦାନ କରିଥିବା ପଞ୍ଚାନନ ପାଣିଗ୍ରାହୀ, ଦିବ୍ୟଶଙ୍କର ପାଣିଗ୍ରାହୀ, ସ୍ୱର୍ଗତ ଗୌରୀଶଙ୍କର ପାଣିଗ୍ରାହୀଙ୍କ ପରିବାର, ବିଜୟ ପୁରୋହିତ, ଯୁଧିଷ୍ଠିର ମଲ୍ଲିକ, ବିହାରୀ ବଣ୍ଡୁକି ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟର ବାଳକ ବିଭାଗରେ ଚାମ୍ପିଅନ ହୋଇଥିବା ବିନୋଦ ବଡ଼ୋଇ,ବାଳିକା ବିଭାଗରେ ଚାମ୍ପିଅନ ହୋଇଥିବା ମହିମା ସୁରେନ,ବେଷ୍ଟ ଷ୍ଟୁଡେଣ୍ଟ ଭାବେ ନିରୂମା ଦାଶ, ବେଷ୍ଟ ଭୋଲେଣ୍ଟିଅର ଭାବେ ନିଗମ ମଲ୍ଲିକଙ୍କୁ ସମ୍ମାନିତ କରାଯାଇଥିଲା। ଛାତ୍ରଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶିକ୍ଷକ ଅଲେଖ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

## ବରଗଡ ଶିକ୍ଷାଜିଲ୍ଲାରେ ୧୦୦ ପରୀକ୍ଷାକେନ୍ଦ୍ର

# ପରୀକ୍ଷା ଦେଲେ ୧୮ ହଜାର ୧୨୦

**ବରଗଡ଼, ୨୦।୨(ସମିସ):** ଓଡ଼ିଶା ମାଧ୍ୟମିକ ବୋର୍ଡ ପକ୍ଷରୁ ଆୟୋଜିତ ମ୍ୟାଟ୍ରିକ ପରୀକ୍ଷା ଆରମ୍ଭ ହୋଇ ଯାଇଛି। ପ୍ରଥମ ଦିନରେ ବରଗଡ଼ ଶିକ୍ଷାଜିଲ୍ଲା ଅନ୍ତର୍ଗତ ୧୦୦ ପରୀକ୍ଷା କେନ୍ଦ୍ରରେ ୧୮ ହଜାର ୧୨୦ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ବିଭିନ୍ନ କେନ୍ଦ୍ରରେ ୨୪୦ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଥିଲେ। ଚଳିତବର୍ଷ ପରୀକ୍ଷା କେନ୍ଦ୍ରଗୁଡିକରେ ସ୍ୱଚ୍ଛତା ଓ ସୁରକ୍ଷା ଦୃଷ୍ଟିରୁ ସିସିଟିଭିର ବନ୍ଦୋବସ୍ତ କରାଯାଇଥିବା ସହ ଯାଞ୍ଚ ବ୍ୟବସ୍ଥାକୁ ଗୁରୁତ୍ୱ ପ୍ରଦାନ କରାଯାଇ ଦୁଇଟି ଜିଲ୍ଲାସ୍ତରୀୟ ସ୍କାଡ ଓ ଗୋଟିଏ ଜିଲ୍ଲାସ୍ତରୀୟ କମିଟି ଗଠନ କରାଯାଇଛି। ପ୍ରତି କେନ୍ଦ୍ରରେ ପୁଲିସ ମୁତୟନ ସହ ପ୍ରତ୍ୟେକ ପରୀକ୍ଷା କେନ୍ଦ୍ର ପାଇଁ ପ୍ରଶାସନିକ ଅଧିକାରୀଙ୍କୁ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ପ୍ରଦାନ କରାଯାଇଛି। ପରୀକ୍ଷା ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ପ୍ରତି କେନ୍ଦ୍ରରେ ପର୍ଯ୍ୟବେକ୍ଷକ ଉପସ୍ଥିତ ରହି ପରୀକ୍ଷା ପରିଚାଳନା ନିରୀକ୍ଷଣ କରିଥିବା ଜିଲ୍ଲା ଶିକ୍ଷା ବିଭାଗ ତରଫରୁ ସୂଚନା ପ୍ରଦାନ କରାଯାଇଛି। ଏଥିସହ ପ୍ରଶ୍ନ ପତ୍ର ପରୀକ୍ଷା କେନ୍ଦ୍ରରେ ପହଞ୍ଚାଇବା ପାଇଁ ୨୭ଟି ଡେସ୍ପାଚ ଟିମ୍ ଗଠନ କରାଯାଇଥିବା ବେଳେ ପ୍ରତି ବ୍ଲକରେ ଗୋଟିଏ ଲେଖାଏଁ ୧୨ ଟି ନୋଡାଲ କେନ୍ଦ୍ର ଖୋଲା ଯାଇଥିବା ଉଲ୍ଲେଖ କରିଛନ୍ତି। ସଂସ୍କୃତ ମଧ୍ୟମା ପରୀକ୍ଷାର୍ଥୀଙ୍କ ପାଇଁ ୩ ଓଏସଓଏସସି ପରୀକ୍ଷାର୍ଥୀଙ୍କ ପାଇଁ ଗୋଟିଏ ପରୀକ୍ଷା କେନ୍ଦ୍ର ରହିଥିବା ଡିଇଓ ସୂଚନା ପ୍ରଦାନ କରିଛନ୍ତି।



## ପଞ୍ଚାୟତସ୍ତରୀୟ ମାନସିକ ସଚେତନତା ବୈଠକ

**ବରଗଡ଼, ୨୦।୨(ସମିସ):** ବରଗଡ଼ ସଦର ବ୍ଲକ ବରଡୋଲ ପଞ୍ଚାୟତଠାରେ ମାନସିକ ସଚେତନତା ଏବଂ ଯୋଜନା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ବରଗଡ଼ ଦ୍ୱାରା ସରପଞ୍ଚ ଦୀପାଞ୍ଜଳି କୁମ୍ଭାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରରେ ମାନସିକ ସ୍ୱାସ୍ଥ୍ୟକର୍ମୀ ମାନସିକ ସାମାଜିକ କର୍ମୀ ଫକିର ମୋହନ ବାଗ ଯୋଗଦାନ କରିଥିଲେ। ସରପଞ୍ଚ, ସମିତିସଭ୍ୟା, ୱାର୍ଡସଭ୍ୟ ଏବଂ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ଉପସ୍ଥିତିରେ ମାନସିକ ରୋଗୀ କିପରି ମାନସିକ ସ୍ୱାସ୍ଥ୍ୟ ସେବା ପାଇବାରେ ବଞ୍ଚିତ ନ ହେବେ ସେ ଦିଗରେ ଆଲୋଚନା କରଯାଇଥିଲା। ମାନସିକ ରୋଗୀଙ୍କୁ ନେଇ ଦେଖା ଯାଉଥିବା ଭେଦଭାବ, ସାମାଜିକ କଳଙ୍କକୁ ଦୂର କରିବାରେ କାର୍ଯ୍ୟ କରିବା ସହିତ ସରକାରଙ୍କ ବିଭିନ୍ନ ହିତକାରୀ ଯୋଜନାରେ ସେମାନଙ୍କୁ କିପରି ପ୍ରାଥମିକ ସ୍ତରରେ ସମ୍ପୃକ୍ତ କରାଯାଇ ପାରିବ ତାହା ଉପରେ ଧ୍ୟାନଦେଇ କାର୍ଯ୍ୟ କରିବାକୁ ଶ୍ରୀ ବାଗ ଅବଗତ କରିଥିଲେ। ଏହି ବୈଠକରେ ସମିତି ସଭ୍ୟା ରୁକମଣି ସେଠ, ସ୍ୱାସ୍ଥ୍ୟ ବିଭାଗରୁ ଏଏନଏମ, ଆଶା ଉପସ୍ଥିତ ଥିଲେ।



## ଉତାଲଗଡ଼ ନାଟ୍ୟ ମହୋତ୍ସବରେ ଆଲୋଚନାଚକ୍ର

# ଚାଷର ଅଭିବୃଦ୍ଧି ପାଇଁ ବ୍ୟବସ୍ଥାର ଆଭିମୁଖ୍ୟ ବଦଳିବା ଦରକାର

ବିଜେପୁର, ୨୦।୨(ସମିସ)

ଚାଷ ଏବଂ ଚାଷୀର ଉନ୍ନୟନ ପାଇଁ ସରକାର ଅନେକଗୁଡିଏ ଯୋଜନା ପ୍ରଣୟନ କରୁଛନ୍ତି। ସେ ସବୁର ସଫଳ ରୂପାୟନ ଠିକ ଭାବରେ ହୋଇପାରୁ ନାହିଁ। ଚାଷୀଙ୍କ ଆଶା, ଅକାଂକ୍ଷା ପୂରଣ କରିବା ଦିଗରେ ଯୋଜନାଗୁଡିକ ବିଫଳ ହେଉଛି। ସୁତରାଂ ଚାଷର ସ୍ଥିତି ସଙ୍ଗିନ ହେବା ଫଳରେ ଲୋକେ ଚାଷପ୍ରତି ବିମୁଖ ହେଉଛନ୍ତି। ତେଣୁ ଚାଷ ଓ ଚାଷୀର ଅସଲ ଅଭିବୃଦ୍ଧି ପାଇଁ ସରକାରଙ୍କ ଆଭିମୁଖ୍ୟରେ ପରିବର୍ତ୍ତନ ହେବା ନିହାତି ଜରୁରି ବୋଲି ବରଗଡ଼ ଜିଲ୍ଲା ବିଜେପୁର ବ୍ଲକ ତାଳପଦର ଗ୍ରାମରେ ଅନୁଷ୍ଠିତ ଉତାଲଗଡ଼ ଉଚ୍ଛବର ଆଲୋଚନାଚକ୍ରରେ ମତପ୍ରକାଶ ପାଇଛି। ନାଟ୍ୟ ମହୋତ୍ସବର ଦ୍ୱିତୀୟ ଦିବସରେ ଖଗେଶ୍ୱର ମଣ୍ଡପଠାରେ ବିଜେପୁର ବ୍ଲକ ଚାଷୀ ସଂଗଠନ ଓ ଉତାଲଗଡ଼ ନାଟ୍ୟ ସଂସଦର ମିଳିତ ଆନୁକୂଲ୍ୟରେ ବରଗଡ଼ ଜିଲ୍ଲାସ୍ତରୀୟ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବିଜେପୁର ବ୍ଲକ ଚାଷୀ ସଂଗଠନର ସଭାପତି ସୁବାସ ପଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାବେଶରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଶତାଧିକ ଚାଷୀ ଯୋଗଦାନ କରିଥିଲେ। ନାଟ୍ୟ ସଂସଦର ବରିଷ୍ଠ ସଦସ୍ୟ ବିବେକାନନ୍ଦ ପଧାନ ଓ ଗଜାନନ ସାହୁ କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ। ଉତାଲଗଡ଼ ମହୋତ୍ସବର ସଂଯୋଜକ ଅଧ୍ୟାପକ ସୁଶାନ୍ତ ମିଶ୍ର ଉଦ୍ଦେଶ୍ୟ ଜ୍ଞାପନ ଓ ପ୍ରାରମ୍ଭିକ ସୂଚନା ପ୍ରଦାନ ଅବସରରେ ସରକାରଙ୍କ ଆଭିମୁଖ୍ୟରେ ପରିବର୍ତ୍ତନ ଆଣିବା ପାଇଁ ଚାଷୀମାନଙ୍କ ଏକତା ରକ୍ଷା ହିଁ ସମୟର ଆହ୍ୱାନ ବୋଲି କହିଥିଲେ। ଆଲୋଚନାଚକ୍ରର ଆବାହକ ବିକ୍ରମାଦିତ୍ୟ ପଧାନ ସମସ୍ତଙ୍କୁ ସ୍ୱାଗତ କରିଥିଲେ। 'ଚାଷୀ ଓ ଚାଷର୍ ନୀତି' ଶୀର୍ଷକ ଆଲୋଚନାଚକ୍ରରେ ମୁଖ୍ୟ ଆଲୋଚକ ଭାବରେ ଯୋଗଦାନ କରି ସାହିତିକ ତଥା ଚାଷୀନେତା ଉତ୍ପନ୍ନ ଭୋଇ ଭିତିପ୍ରବନ୍ଧ ଉପସ୍ଥାପନ କରିଥିଲେ। ଚାଷର ଅଭିବୃଦ୍ଧି ପାଇଁ ବିଭିନ୍ନ ନିତୀର ସୁକ୍ଷ୍ମ ଦିଗଗୁଡିକୁ ପୁଙ୍ଖାନୁପୁଙ୍ଖ ଆଲୋଚାନା କରିଥିଲେ। ଜିଲ୍ଲା କୃଷକ ସଂଗଠନର ସଭାପତି ଜୟକୃଷ୍ଣ ସାହୁ ଓ ବର୍ଷିଆନ ଚାଷୀ କ୍ଷୀରୋଦ୍ର ସାହୁ ଅତିଥି ଭାବରେ ମଞ୍ଚାସୀନ ଥିଲେ। ସଂଯୁକ୍ତ କୃଷକ ସଂଗଠନ ବରଗଡ଼ରୁ ଅଜିତ ଶତପଥୀ ଓ ରମେଶ ମହାପାତ୍ର ଯୋଗଦାନ କରି କହିଥିଲେ ଯେ ଚାଷୀଙ୍କ ପାଇଁ ସରକାର ତିଆରି କରୁଥିବା ଯୋଜନା ଉଦ୍ଦେଶ୍ୟ ପ୍ରଣୋଦିତ ରହୁଛି। ତେଣୁ ଏହା ପରିବର୍ତନ ହେଲେ ଚାଷର ଅଭିବୃଦ୍ଧି ହୋଇପାରିବ। ବରଗଡ଼ ଜିଲ୍ଲା କୃଷକ ସଂଗଠନର ଆବାହକ କିଶୋର ଦେବତା, ରାଜବୋଡାସମ୍ବର କୃଷକ ସଂଗଠନରୁ ପଞ୍ଚାନନ ସାହୁ, ପଦ୍ମପୁର ବ୍ଲକରୁ ସୁବାସ ସାମନ୍ତରାୟ, କୈଳାସ ବାରିକ, ଅତାବିରା ବ୍ଲକରୁ ରବୀନ୍ଦ୍ର ବିଶି, ଝାରବନ୍ଧ ବ୍ଲକରୁ ବୈଲୋଚନ ଭୋଇ, ଗାଇସିଲାଟ ବ୍ଲକରୁ ଅରବିନ୍ଦ ପଣ୍ଡା, ଭଟଲିରୁ ଥବୀର ସାହୁ, ଅମ୍ବାଭନାରୁ ଇଶାନ ଭୁଏ, ବରଗଡ଼ରୁ ବବ୍ରୁବାହାନ ସାହୁ, ବରପାଳିରୁ କାରଣ ସା, ଅତାବିରାରୁ ଟିକେଲାଲ ମିଶ୍ର, ସୋହେଲାରୁ ମନ ମାଝୀ, ବିଜେପୁରରୁ ଭଳଭଦ୍ର ପଧାନ, ଭୁତିବାହାଲରୁ ଅନିତା ସାହୁ, ଆଞ୍ଚଳିକ କୃଷକ ସଂଗଠନ ଘେଁସରୁ କୁଞ୍ଜ ସାହୁ ପ୍ରମୂଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଶେଷରେ ମହେନ୍ଦ୍ର ପଧାନ ଧନ୍ୟବାଦ ଅର୍ପଣ କରିଥିଲେ। ବିଜେପୁର ବ୍ଲକ କୃଷକ ସଂଗଠନର କର୍ମକର୍ତା, ଉତାଲଗଡ଼ ନାଟ୍ୟ ସଂସଦର ସଦସ୍ୟବୃନ୍ଦ ତଥା ତାଳପଦର ଗ୍ରାମବାସୀ ସହଯୋଗ କରିଥିଲେ।





# ସହର ସମ୍ପତ୍ତିର ଯତ୍ନ, ସୁରକ୍ଷା ସମସ୍ତଙ୍କ ଦାୟିତ୍ୱ: କମିଶନର





ସମ୍ବଲପୁର, ୨୦।୨(ସମିସ)

ସମ୍ବଲପୁର ସହରକୁ ସୁନ୍ଦର କରିବା ନେଇ ରାଜ୍ୟ ସରକାର ପଦକ୍ଷେପ ଗ୍ରହଣ କରିଛନ୍ତି। ସମ୍ବଲପୁର ମହାନଗର ନିଗମର ବିଭିନ୍ନ ଅଞ୍ଚଳକୁ ସୁନ୍ଦର କରାଯାଉଛି। ସହର ମୁଖ୍ୟରାସ୍ତା ଗଳିକନ୍ଦି ସବୁଆଡ଼େ ଐତିହ, ପରମ୍ପରା, କଳା, ସଂସ୍କୃତି, ଖାଦ୍ୟ ଉପରେ ଚିତ୍ର କରାଯାଉଛି। ଏହାସହ ସ୍ୱାଧୀନତା ସଂଗ୍ରାମୀ, କବି, ଲେଖକ, କଳାକାର ଭଳି ମହାନ ବ୍ୟକ୍ତିଙ୍କ ଫଟୋଚିତ୍ର ଅଙ୍କାଯାଉଛି। ହେଲେ ଲୋକମାନେ ତାହା ଉପରେ ବିଜ୍ଞାପନର ପୋଷ୍ଟର ଓ ରଙ୍ଗ ଲଗାଇ ଦେଉଛନ୍ତି। ଯାହାକି ନିୟମ ବାହାରେ ରହିଛି ଓ ସୌନ୍ଦର୍ଯ୍ୟତାକୁ ନଷ୍ଟ କରୁଛି। ଏଭଳି ବିକଶିତ କାମର ଯତ୍ନନେବା ଓ ସୁରକ୍ଷା ଦେବା ପ୍ରତ୍ୟେକ ନାଗରିକଙ୍କ କର୍ତ୍ତବ୍ୟ। ସମସ୍ତଙ୍କ ଏହା ସମ୍ପତ୍ତି ତେଣୁ କେହି ଏଭଳି ଭୁଲ୍ କାମ କରନ୍ତୁ ନାହିଁ। ଯେଉଁମାନେ କରୁଛନ୍ତି ସେମାନଙ୍କୁ ରୋକିବାରେ ସହଯୋଗ କରନ୍ତୁ ବୋଲି ଏସ୍‌ଏମ୍‌ସି କମିସନର ବେଦଭୂଷଣ କହିଛନ୍ତି। ସୂଚନାଯୋଗ୍ୟ ଯେ, ସମଲେଇ ପରିକ୍ରମା ପ୍ରକଳ୍ପ ଲୋକର୍ପଣ ପରେ ଜିଲ୍ଲା ତଥା ଜିଲ୍ଲା ବାହାରୁ ପ୍ରତ୍ୟହ ବହୁ ସଂଖ୍ୟାରେ ପର୍ଯ୍ୟଟକ ଆସୁଛନ୍ତି। ସମ୍ବଲପୁର ଜିଲ୍ଲାକୁ ବର୍ଷତମାମ ପର୍ଯ୍ୟଟକ ଆସୁଥିବା ବେଳେ ପର୍ଯ୍ୟଟନ ଋତୁରେ ଏହି ସଂଖ୍ୟା ବ୍ୟାପକ ବୃଦ୍ଧି ପାଏ। ସମ୍ବଲପୁରୀ କପଡ଼ା, ପୋଷାକ, ଶାଢ଼ୀ କିଣି ନେଉଛନ୍ତି। ସହର ମଧ୍ୟସ୍ଥଳୀରେ ଥିବା ମା' ସମଲେଶ୍ୱରୀ, ପାଟଣେଶ୍ୱରୀ ମନ୍ଦିରକୁ ଶ୍ରଦ୍ଧାଳୁଙ୍କ ସବୁଦିନ ଭିଡ଼ ଲାଗିରହିଥାଏ। ଆଖପାଖରେ ଥିବା ହୁମା ବକ୍ର ମନ୍ଦିର, ହୀରାକୁଦ ଡାଇକ, ଘଣ୍ଟେଶ୍ୱରୀ ଓ ଅନ୍ୟାନ ପିକନିକ୍ ସ୍ଥାନର ଆନନ୍ଦ ନେଉଛନ୍ତି। ପର୍ଯ୍ୟଟକଙ୍କୁ ଆକର୍ଷଣୀୟ କରିବା ପାଇଁ ସମ୍ବଲପୁରର କାନ୍ଥବାଡ଼କୁ ଚିତ୍ରକଳାରେ ସଜାଯାଉଛି। ଯାହା ଫଳରେ ପର୍ଯ୍ୟଟକମାନେ ସମ୍ବଲପୁରର ଐତିହ୍ୟ, ଲୋକକଳା, ସଂସ୍କୃତିକୁ ଜାଣିପାରିବେ। କାନ୍ଥଗୁଡ଼ିକୁ ଏମିତି ଶୈଳୀରେ ସଜାଯାଉଛି ଯେ, ଯେକେହି ବି ଚିତ୍ର ଗୁଡ଼ିକ ଦେଖିଲେ ଜୀବନ୍ତ ଭାବିବ। କାନ୍ଥରେ ମହାପୁରୁଷଙ୍କ ପ୍ରତିଛବି, ଆଦିବାସୀ ସଂସ୍କୃତି ଓ ପରମ୍ପରା ଶୋଭାପାଉଛି। ସହରର ମୁଖ୍ୟରାସ୍ତା ପାର୍ଶ୍ୱରେ ଥିବା କାନ୍ଥବାଡ଼ ଏବେ ବିଭିନ୍ନ କଥାବସ୍ତୁରେ ଚିତ୍ର ବହନ କରୁଛି। ସହର ଭିତରକୁ ପ୍ରବେଶ ଆରମ୍ଭରୁ ଜେଲ୍ ଛକ ହେଉକି ରେମେଡ଼ ଛକ ହେଉ ସବୁପଟୁ ସମ୍ବଲପୁର ଐତିହ୍ୟ କାନ୍ଥ ଗୁଡ଼ିକ ଗୁଣଗାନ କରୁଥାନ୍ତି। ମହାପୁରଷଙ୍କ ଚିତ୍ର, ସମ୍ବଲପୁରୀ ନୃତ୍ୟ, ସମ୍ବଲପୁରୀ ବସ୍ତ୍ରର କାରୁକାର୍ଯ୍ୟ ସବୁ ଚିତ୍ରଶିଳ୍ପୀମାନେ କାନ୍ଥରେ ଆଙ୍କିଛନ୍ତି।

# ସାଧାରଣ ନିର୍ବାଚନ ପାଇଁ ପ୍ରସ୍ତୁତି ବୈଠକ

**ସମ୍ବଲପୁର, ୨୦।୨(ସମିସ):** ସାଧାରଣ ନିର୍ବାଚନ ୨୦୨୪ ପାଇଁ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସମସ୍ତ



ପ୍ରଶାସନିକ ଅଧିକାରୀ, ରାଜନୈତିକ ଦଳର ପ୍ରତିନିଧି ଉପସ୍ଥିତ ଥିଲେ। ନିର୍ବାଚନ ସୁଚାରୁ ରୂପେ କିଭଳି ହେବ ସେ ନେଇ ଆଲୋଚନା ହୋଇଥିଲା। ରାଜନୈତିକ ଦଳର ପ୍ରତିନିଧିମାନେ ମତ ରଖିଥିଲେ। ଜିଲ୍ଲାପାଳ ଶ୍ରୀ ଅଗ୍ରୱାଲ ନିର୍ବାଚନ କମିସନ ଦ୍ୱାରା ଜାରି କରାଯାଇଥିବା ସମସ୍ତ ନିୟମ ପାଳନ କରାଯିବ ବୋଲି କହିଥିଲେ। ଜିଲ୍ଲା ସ୍ତରରେ ଯେଭଳି ଷ୍ଟ୍ରଙ୍ଗ୍‌ରୁମ୍ ରହିଛି ସେହିପରି ୪ବିଧାନ ସଭା ସ୍ତରରେ ମଧ୍ୟ ଷ୍ଟ୍ରଙ୍ଗରୁମ କରାଯିବ। ମହିଳାଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ନିର୍ବାଚନ ଆଚରଣ ବିଧି ଲାଗୁ ହେବାପରେ ନିୟମ ଖିଲାପୀ କାମ କଲେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ପୁଲିଙ୍ଗ ପାର୍ଟି ନିର୍ଦ୍ଧାରିତ ସମୟରେ ମତଦାନ କେନ୍ଦ୍ରରେ ପହଞ୍ଚିବେ। ଏଥିପାଇଁ ଉପଖଣ୍ଡ ଓ ବ୍ଲକ ଗୁଡିକରେ ଅଧିକାରୀମାନେ ନିୟୋଜିତ ରହି ସୁବିଧା କରିବେ। ମତଦାନ କେନ୍ଦ୍ର ଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯିବ। ସମ୍ବେଦନଶୀଳ ମତଦାନ କେନ୍ଦ୍ର ଗୁଡିକରେ ଅଧିକ ସୁରକ୍ଷା ବ୍ୟବସ୍ଥା କରାଯିବ। ଇଭିଏମ, ମୋବାଇଲ ଭେନ, ଏନଫୋର୍ସମେଣ୍ଟ, ପେଟ୍ରୋଲଂ ଟିମ କଡ଼ା ଯାଞ୍ଚ କରିବେ। ସମସ୍ତ ରାଜନୈତିକ ଦଳ ଗୁଡ଼ିକ ଶୃଙ୍ଖଳିତ ମତଦାନ କିଭଳି ହେବ ସହଯୋଗ କରିବାକୁ କହିଥିଲେ।

# ସମ୍ବଲପୁର-ଦର୍ଶନ ନଗର ଆସ୍ଥା ସ୍ୱତନ୍ତ୍ର ଟ୍ରେନ୍‌ର ଶୁଭାରମ୍ଭ

**ସମ୍ବଲପୁର,୨୦।୨(ସମିସ):** କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ସମ୍ବଲପୁର ଷ୍ଟେସନରେ ପବିତ୍ର ଅଯୋଧାରେ ଭକ୍ତମାନଙ୍କୁ



ପ୍ରଭୁ ଶ୍ରୀରାମ ଲାଲାଙ୍କ ପ୍ରତ୍ୟକ୍ଷ ଦର୍ଶନ କରାଇବା ପାଇଁ ଭାରତୀୟ ରେଳ ବିଭାଗ ପକ୍ଷରୁ ଆରମ୍ଭ ହୋଇଥିବା 'ସମ୍ବଲପୁର - ଦର୍ଶନ ନଗର ଆସ୍ଥା ସ୍ୱତନ୍ତ୍ର ଟ୍ରେନ'ର ଶୁଭାରମ୍ଭ କରିଛନ୍ତି। ପ୍ରଭୁ ଶ୍ରୀରାମଙ୍କ ଦର୍ଶନ କରିବା ପାଇଁ ଯାତ୍ରୀ ତଥା ରାମଭକ୍ତଙ୍କ ମଧ୍ୟରେ ଅଭୂତପୂର୍ବ ଉତ୍ସାହ ଓ ଉତ୍କଣ୍ଠା ଦେଖାଯାଇଛି। ସୁବିଧାରେ ଭକ୍ତମାନଙ୍କର ଦର୍ଶନ କରିବା ପାଇଁ ଦେଶବ୍ୟାପୀ ବିଭିନ୍ନ ପର୍ଯ୍ୟାୟରେ ସ୍ୱତନ୍ତ୍ର ଆସ୍ଥା ଟ୍ରେନର ବ୍ୟବସ୍ଥା ହୋଇଛି। ଆଜି ୨୦ଟି ରେଳ ବଗି ବିଶିଷ୍ଟ 'ସମ୍ବଲପୁର - ଦର୍ଶନ ନଗର ଆସ୍ଥା ସ୍ୱତନ୍ତ୍ର ଟ୍ରେନ' ଭକ୍ତଙ୍କୁ ନେଇ ଅଯୋଧା ଅଭିମୁଖେ ଯାତ୍ରା କରିଛି। ୨୦୪୭ ସୁଦ୍ଧା ଭାରତ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ପ୍ରଭୁ ଶ୍ରୀରାମଙ୍କ ଆଶୀର୍ବାଦରେ ବିକଶିତ ଦେଶ ହେବା ନେଇ କେନ୍ଦ୍ରମନ୍ତ୍ରୀ ପ୍ରାର୍ଥନା କରିଛନ୍ତି। ଟ୍ରେନରେ ଅଯୋଧା ଯାତ୍ରା କରୁଥିବା ରାମଭକ୍ତ ମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ଆସ୍ଥା ଟ୍ରେନର ଚଳାଚଳ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଶ୍ରୀ ପ୍ରଧାନ ଧନ୍ୟବାଦ ଦେଇଛନ୍ତି।

# ଆଇନ ମହାବିଦ୍ୟାଳୟରେ ବିଶ୍ୱ ସାମାଜିକ ନ୍ୟାୟ ଦିବସ

**ସମ୍ବଲପୁର, ୨୦।୨(ସମିସ):** ଅପରାଧକୁ ଘୃଣା କର, ଅପରାଧୀଙ୍କୁ ନୁହେଁ। ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ଏହି ଉକ୍ତି ସାମ୍ପ୍ରତିକ ସମାଜରେ ଖୁବ୍ ପ୍ରାସଙ୍ଗିକ। ଜେଲ୍ ବନ୍ଦୀଙ୍କ




ମାନବାଧିକାରକୁ ସୁରକ୍ଷିତ ରଖିବା ପାଇଁ ଯତ୍ନବାନ ହେବାକୁ ଉଚ୍ଚତମ ନ୍ୟାୟାଳୟ ବାରମ୍ବାର ଟିପ୍ପଣୀ ଦେଇଛନ୍ତି। ଏହାସତ୍ତ୍ୱେ ଜେଲ୍‌ରେ ବନ୍ଦୀ ଥିବା କଏଦୀମାନଙ୍କ ମାନବାଧିକାର ହନନ ହେବା ଅତ୍ୟନ୍ତ ନିନ୍ଦନୀୟ ବୋଲି ବିଶିଷ୍ଟ ବ୍ୟକ୍ତିମାନେ ମତପ୍ରକାଶ କରିଛନ୍ତି। ବିଶ୍ୱ ସାମାଜିକ ନ୍ୟାୟ ଦିବସ ଅବସରରେ ଲଜପତ ରାୟ ଆଇନ ମହାବିଦ୍ୟାଳୟ ପକ୍ଷରୁ 'ବନ୍ଦୀମାନଙ୍କ ଅଧିକାର ଏବଂ ଜେଲ୍ ସଂସ୍କାର' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ଡ. ବିଜୟାନନ୍ଦ ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ଗଙ୍ଗାଧର ମେହେର ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ଡକ୍ଟର ଶ୍ରୀବନ୍ତ ଦାଶ, ସମ୍ବଲପୁର ବିଶ୍ୱବିଦ୍ୟାଳୟର ଆଇନ ବିଭାଗର ଅଧାପିକା ଡ଼କ୍ଟର ଦୀପ୍ତିରେଖା ମହାପାତ୍ର ଏବଂ ବରିଷ୍ଠ ସରକାରୀ ଓକିଲ ରାଜ କୁମାର ଅଗ୍ରୱାଲ ଅତିଥି ରୂପେ ଯୋଗଦେଇ ବନ୍ଦୀମାନଙ୍କର ଅଧିକାର ଓ ବର୍ତ୍ତମାନ ସେମାନେ ସମ୍ମୁଖୀନ ହେଉଥିବା ଅସୁବିଧା ଉପରେ ବିଶଦ ଆଲୋଚନା କରିଥିଲେ। ବନ୍ଦୀମାନଙ୍କ ଶିକ୍ଷା ଓ ସ୍ୱାସ୍ଥ୍ୟର ଆବଶ୍ୟକତାକୁ ରାଜ୍ୟ ସରକାର ଅଣଦେଖା କରୁଥିବାକୁ ନେଇ ସେମାନେ ଉଦ୍‌ବେଗ ପ୍ରକାଶ କରିବା ସହ ମୁକ୍ତ କାରାଗାରର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହାଛଡ଼ା ଜେଲ୍‌ରେ ଥିବା ବନ୍ଦୀମାନଙ୍କୁ ମାଗଣାରେ ଆଇନ୍ ସେବା ପ୍ରଦାନ କରିବା ପାଇଁ ଆଗେଇ ଆସିବାକୁ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସହକାରୀ ଅଧାପକ ଡ. ଲକ୍ଷ୍ମୀକାନ୍ତ ଦାସ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ମହାବିଦ୍ୟାଳୟର ଛାତ୍ରୀ ଚାନ୍ଦିନୀ ମିଶ୍ର, ନିଲୁ ଶର୍ମା, ତନିସ୍କା ସିଂହ, ଅମ୍ରିତା ଗଙ୍ଗଦେବ, କୋମଳ ଶର୍ମା ଓ ଛାତ୍ର ଦେବୀ ପ୍ରସାଦ ମିଶ୍ର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ସହକାରୀ ଅଧାପକ ଅଙ୍କିତ ସୌରଭ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଦଶମ ଶ୍ରେଣୀ ପରୀକ୍ଷାର୍ଥୀଙ୍କୁ ଏବିଭିପି ପକ୍ଷରୁ ଶୁଭେଚ୍ଛା

**ସମ୍ବଲପୁର, ୨୦।୨(ସମିସ):** ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ସମ୍ବଲପୁର ତରଫରୁ ଆଜି ସି.ଏସ୍. ବି ଜିଲ୍ଲା ସ୍କୁଲ, ସମ୍ବଲପୁର ଠାରେ ଦଶମ ଶ୍ରେଣୀ ପରୀକ୍ଷାର୍ଥୀମାନଙ୍କୁ ଶୁଭମନାସିବା ଶହ ଫୁଲ ଚନ୍ଦନ ଦେଇ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ଛାତ୍ରଛାତ୍ରୀମାନେ ଭଲରେ କେମିତି ପରୀକ୍ଷା ଦେବେ ତାକୁ ଆଖି ଆଗରେ ରଖି ଏହି କାର୍ଯ୍ୟକ୍ରମ ଏବିଭିପି ପ୍ରତି ବର୍ଷ କରିଥାଏ। ଏହି ବର୍ଷ ମଧ୍ୟ ରାଜ୍ୟ ସହ ସମ୍ପାଦକ ସିମରନ ପ୍ରଧାନ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ସଭାପତି କିର୍ତ୍ତୀମୟୀ ସାହୁ, ନଗର ସହ ସମ୍ପାଦକ ମେଘା ଦେବନାଥ, ଉପସଭାପତି ସୁବ୍ରତ କୁମ୍ଭାର, ସ୍ଥିତିପ୍ରଜ୍ଞା ସାହୁ, ଅଲିଶା ନାୟକ, ବାବୁଲୁ ଗରଡ଼ିଆ, କାହ୍ନୁଚରଣ ଦଳେଇ, ଜିଲ୍ଲା ସଂଗଠନ ସମ୍ପାଦକ ବିଜୟ କଲତାଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଥିଲା।



## ରାସ୍ତାରେ ସାମଗ୍ରୀ ରଖିଲେ ଜରିମାନା ଗଣିବେ ଠିକାଦାର, ବିଭାଗ

# ଉନ୍ନୟନ ଅତିରିକ୍ତ ସଚିବଙ୍କ କଡ଼ା ତାଗିଦ୍

**ସମ୍ବଲପୁର, ୨୦।୨(ସମିସ):** ସମ୍ବଲପୁର ମହାନଗର ନିଗମରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ସମ୍ବଲପୁର ଗସ୍ତରେ ୫-ଟି ଅଧକ୍ଷ କାର୍ତ୍ତିକ ପାଣ୍ଡିଆନ ଆସିଥିବା ବେଳେ ଲୋକମାନେ ଏ ନେଇ ଅଭିଯୋଗ କରିଥିଲେ। ଏହାସହ ଅଧକ୍ଷ ନିଜେ ମଧ ପରିମଳ ବ୍ୟବସ୍ଥା ଦେଖି କିଭଳି ପ୍ରତିକାର କରାଯିବ ସେ ନେଇ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଥିଲେ। ୫-ଟି ଅଧକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ନିର୍ଦ୍ଦେଶ କ୍ରମେ ନଗର ଉନ୍ନୟନ ବିଭାଗ ଅତିରିକ୍ତ ସଚିବ ବିନୟ କୁମାର ଦାସ ସମ୍ବଲପୁର ଦୁଇଦିନିଆ ଗସ୍ତ କରିଥିଲେ। ଗସ୍ତରେ ବିଭିନ୍ନ ପଡ଼ାକୁ



ବୁଲି ପରିମଳ ବ୍ୟବସ୍ଥା ଦେଖିଥିଲେ। ଲୋକମାନଙ୍କ ସହ ଆଲୋଚନା କରିଥିଲେ। ଜନସାଧାରଣ ମଧ ସଫେଇ କାମକୁ ନେଇ ଅଭିଯୋଗ କରିଥିଲେ। ଏହାସହ ସମଲେଇ ପ୍ରକଳ୍ପ ବୁଲି ଦେଖି ସମଲେଇଙ୍କ ଦର୍ଶନ



କରିଥିଲେ। ଏସ୍‌ଏମ୍‌ସି ଅଫିସ୍‌ର ବିଭିନ୍ନ ବିଭାଗକୁ ନେଇ ବୈଠକ କରିଥିଲେ। କମିସନର ବେଦ ଭୂଷଣଙ୍କ ସହିତ ପିଏଚ୍‌ଡି, ବିଦ୍ୟୁତ୍ ବିଭାଗ, ପୂର୍ତ୍ତ ବିଭାଗ, ଏନ୍‌ଏଚ୍‌ଆଇ, ବନବିଭାଗ ଅଧିକାରୀମାନେ ଉପସ୍ଥିତ ଥିଲେ। ସମସ୍ତ ବିଭାଗ ପକ୍ଷରୁ ମହାନଗର ନିଗମ ଅଧିନରେ କାମ ହେଉଛି। ରାସ୍ତା ଖୋଲି ଦିଆଯାଉଛି ଆଉ ମରାମତି କରୁନାହାନ୍ତି। ବିଦ୍ୟୁତ୍ ବିଭାଗ ସବୁଆଡ଼େ ତାର ଗୁଡ଼ିକ ଝୁଲି ରହୁଛି। ବନ ବିଭାଗ କାଟୁଥିବା ଗଛ ଗୁଡ଼ିକ ସଠିକ୍ ସମୟରେ ରାସ୍ତା ଉପରୁ ଉଠାଯାଉ ନାହିଁ। ପୂର୍ତ୍ତ ବିଭାଗ ଓ ସ୍ୱରେଜ ପ୍ରକଳ୍ପ ମନଇଚ୍ଛା କାମ କରୁଛନ୍ତି। ବିଭାଗ ଗୁଡ଼ିକ କାମ କରିବା ସମୟରେ ଲୋକଙ୍କ ସମସ୍ୟାକୁ ଗୁରୁତ୍ୱ ଦେବାର ଆବଶ୍ୟକ ରହିଛି। ଉନ୍ନୟନମୂଳକ କାମ କରାଯାଉ, ହେଲେ ଲୋକଙ୍କ ସମସ୍ୟା ଯେପରି ନ ହେବ ସେ ନେଇ ଗୁରୁତ୍ୱ ଦିଆଯାଉ। କାମ ହେବା ସମୟରେ ସାମଗ୍ରୀ ଆଣି କାମ କର। ମାସମାସ ଧରି ରାସ୍ତା ଉପରେ ଘରକରଣା ସମାଗ୍ରୀ ବାଲି, ଗେଟି, ମେଟାଲ ପକାଇ ରଖାଯାଉଛି। ଯାହାକି ବଡ଼ ସମସ୍ୟା ହେଉଛି। ଯଦି ଠିକ୍ ସମୟରେ ଉଠା ନଯିବ ତା'ହେଲେ ଠିକାଦାର କିମ୍ବା ବିଭାଗ ଉପରେ ମୋଟା ଅଙ୍କର ଜରିମାନା ଆଦାୟ କରାଯିବ। ପରିମଳ ବ୍ୟବସ୍ଥା ସୁଧାର ଆଣିବା, ପରିବେଶକୁ ସଫା ସୁତୁରା ରଖିବାରେ ସମସ୍ତଙ୍କ ସହଯୋଗ ଓ ଦାୟିତ୍ୱ ରହିଛି ବୋଲି କହିଥିଲେ।

# ନିବେଶ ନାମରେ ଠକେଇ, ଜଣେ ଗିରଫ

**ହୀରାକୁଦ, ୨୦।୨(ସମିସ):** ହୀରାକୁଦ ପୁଲିସ ଠକେଇ ଅଭିଯୋଗରେ ଏସ୍. ମହାରଣା ନାମକ ଜଣେ ବ୍ୟକ୍ତି କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ସ୍ଥାନୀୟ ଦୁର୍ଗା ମନ୍ଦିର ଛକରେ ଏକ ଅଫିସ ଖୋଲି ଗୋଟିଏ ମୋବାଇଲ ଆପ ରେ ପୁଞ୍ଜି ନିବେଶ କରିବା ପାଇଁ ଲୋକ ମାନଙ୍କୁ କହୁଥିଲେ, ଏହି ଆପ ରେ ନିବେଶ କଲେ ମୋଟା ଅଙ୍କର ଟଙ୍କା ମିଳିବ ବୋଲି ପ୍ରଚାର କରୁଥିଲେ। ଏହି ଆପ ରେ କେତେ ଜଣ ନିବେଶ କରିଛନ୍ତି ଜଣାପଡ଼ିନାହିଁ। ଷ୍ଟେସନପଡ଼ା ର ହିମାଂଶୁ କଲେଟ ଏହି ଆପରେ ୧୧ ମାସ ତଳେ ୮୦୦୦୦ ଟଙ୍କା ନିବେଶ କରିଥିଲେ। ନିବେଶ କରିବା ୬ ମାସ ପରେ ସେହି ଆପ ବନ୍ଦ ହୋଇଯାଇଥିବା ଓ ଅଭିଯୁକ୍ତ ସହର ଛାଡି ପଳାଇଥିବା ଜଣା ଯାଇଥିଲା। ୨ ଦିନ ତଳେ ସେ ହୀରାକୁଦ ଆସିଥିବା ଜାଣିବା ପରେ ହିମାଂଶୁ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ କୁ ଗିରଫ କରିଥିଲା।

# ବେଦିକ ଇଣ୍ଟରନ୍ୟାସନାଲ ସ୍କୁଲରେ ଜାତୀୟ ରୋବୋଟିକ ଲ୍ୟାବ୍ ଉଦ୍‌ଘାଟିତ

**ସମ୍ବଲପୁର, ୨୦।୨(ସମିସ):** ବେଦିକ ଇଣ୍ଟରନ୍ୟାସନାଲ ସ୍କୁଲ ସମ୍ବଲପୁରରେ ଭାରତ ସରକାରଙ୍କ ଦକ୍ଷତା ଓ ବିକାଶ ମନ୍ତ୍ରାଳୟର ସଂସ୍ଥା ଜାତୀୟ ଦକ୍ଷତା ବିକାଶ କେନ୍ଦ୍ର ଦ୍ୱାରା ରୋବୋଟିକ୍ ଲ୍ୟାବ୍‌ର ଉଦ୍‌ଘାଟନ ହୋଇଯାଇଛି। ଏହି



ସମାରୋହରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି ଉଦ୍‌ଘାଟନ କରିଥିଲେ। ଆଜି ଓ ଭବିଷ୍ୟତରେ ଯେଉଁ ଟେକ୍ନୋଲୋଜିର ବ୍ୟବହାର ହେଉଛି ଓ ହେବ, କିପରି ଅତି ସହଜରେ କରିପାରିବା ତାହା ଏହି ରୋବଟ୍ ମାନଙ୍କ ଦ୍ୱାରା ସମ୍ଭବ ବୋଲି ତଥା ଆଗାମୀ ୨୫ ବର୍ଷରେ ବିକଶିତ ଭାରତରେ ଟେକ୍ନୋଲୋଜିକୁ ନେଇ କିପରି ଅଗ୍ରଗତି କରିବା ସେ ବିଷୟରେ କେନ୍ଦ୍ରମନ୍ତ୍ରୀ କହିଥିଲେ। ସମ୍ବଲପୁର ମଧ ଏହି ଦିଗରେ କିପରି ଆଗକୁ ଯାଇ ବିକଶିତ ଭାରତ ନିର୍ମାଣରେ ସହଯୋଗ କରିବ ଓ ସେଥିପାଇଁ ଭାରତ ସରକାରଙ୍କ ତରଫରୁ ସମସ୍ତ ସହଯୋଗ ପ୍ରଦାନ କରାଯିବ ବୋଲି ପ୍ରତିଶୃତି ଦେଇଥିଲେ। ଶ୍ରୀ ପ୍ରଧାନ ଜାତୀୟ ଦକ୍ଷତା ବିକାଶ କେନ୍ଦ୍ରର ମୁଖ୍ୟ ବେଦ ମଣି ତିୱାରୀଙ୍କୁ ବୈଦିକ ଇଣ୍ଟରନେସନାଲ ସ୍କୁଲକୁ ଦକ୍ଷତା ଓ ବିକାଶର ହବ ବନାଇବା ପାଇଁ ଓ ସମ୍ବଲପୁର ସହ ଓଡ଼ିଶାର ସମସ୍ତ ଶିକ୍ଷାନୁଷ୍ଠାନର ସମସ୍ତ ଛାତ୍ରଛାତ୍ରୀ ଯେମିତି ଏଠାକୁ ଆସି ଦକ୍ଷତା ବିଷୟରେ ଜ୍ଞାନ ଆରୋହଣ କରିପାରିବେ ସେ ବିଷୟରେ ମଧ କହିଥିଲେ। ଶେଷରେ ଆଗାମୀ ଦିନରେ ସମ୍ବଲପୁରରେ ମଧ ସେମିକଣ୍ଡକ୍ଟର ର କାରଖାନା ହେବ ଓ ମା' ସମଲେଇଙ୍କ ମାଟିରେ ସବୁକିଛି ସମ୍ଭବ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ସଚିବ ଅତୁଲ ଜୀ, ରେଙ୍ଗାଲି ବିଧାୟକ ନାଉରୀ ନାୟକଙ୍କ ସହ ବୈଦିକ୍ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନ୍‌ର ଚେୟାରମ୍ୟାନ୍ ଆନନ୍ଦ ଅଗ୍ରୱାଲ, ଅଧକ୍ଷ ସୁବ୍ରତ କୁମାର ଷଡ଼ଙ୍ଗୀ, ଡିନ ପାର୍ଥ ମୁଖାର୍ଜୀ ଓ ସମସ୍ତ ଛାତ୍ରଛାତ୍ରୀଙ୍କ ସହ ଶିକ୍ଷକଶିକ୍ଷୟିତ୍ରୀଗଣ ଉପସ୍ଥିତ ଥିଲେ।

## ମୃଦୁ ପାନୀୟ ନାମରେ ମିଳୁଛି ବିଷ

# ମିଆଦ ଶେଷ ତାରିଖ ନାହିଁ, ମନଇଛା ଦର

**ସମ୍ବଲପୁର, ୨୦।୨(ସମିସ):** ବାର ମାସ କୋଲ୍ଡଡ୍ରିଙ୍କର ଗୁରୁତ୍ୱ ରହିଥାଏ। ହେଲେ ଖରା ଦିନ ଆସିଲେ ଥଣ୍ଡା ପାନୀୟ ଜଳର ଗୁରୁତ୍ୱଟା ଅଧିକ ବଢ଼ିଯାଏ। ଖରା ସମୟରେ ବାହାରକୁ ଗଲା ମାନେ କ୍ଳାନ୍ତ ଲାଗିବା ଫଳରେ ସମସ୍ତେ ଥଣ୍ଡା ପାଣି ଖୋଜିଥାନ୍ତି। ତାସହ କୋଲ୍ଡଡ୍ରିଙ୍କ ପିଇବା ପାଇଁ ଛୁଆରୁ ବୁଢା ସମସ୍ତେ ମନସ୍ଥ କରିଥାନ୍ତି। ହେଲେ ବଜାରରେ ଅନେକ ଜାଗାରେ ମିଳୁଥିବା ଏହି କୋଲ୍ଡଡ୍ରିଙ୍କ ବିଷ ହୋଇପାରେ ବୋଲି ଚର୍ଚ୍ଚା ହେଉଛି। ବିଭିନ୍ନ ନକଲି ବ୍ରାଣ୍ଡରେ ବଜାରରେ କୋଲ୍ଡଡ୍ରିଙ୍କ ମିଳୁଛି। ଆଉ ଯେତେଟା ଦୋକନାରେ ଭଲ ବ୍ରାଣ୍ଡର କୋଲ୍ଡଡ୍ରିଙ୍କ ମିଳୁଛି ସେଥିମଧ୍ୟରୁ ଅନେକରେ କୌଣସି ତାରିଖ ରହିନାହିଁ। କେବେ ପ୍ରସ୍ତୁତ ହୋଇଛି, କେତେ ଦର ରହିଛି, କେବେ ଯାଏ ଏ ଉତ୍ପାଦଟି ରହିବ, କେତେ ଦିନ ଭିତରେ ଏହାକୁ ବ୍ୟବହାର କରାଯାଇପାରିବ ତାର ତଥ୍ୟ ରହିନାହିଁ। କୋଲ୍ଡଡ୍ରିଙ୍କ କମ୍ପାନି ପକ୍ଷରୁ ସମସ୍ତ ବୋତଲରେ ସବୁ ତଥ୍ୟ ରହୁଛି। ବୋତଲରେ ସବୁ ତଥ୍ୟ ନ ରହିଲେ ଆମେ ବାହାରକୁ ପ୍ରଡକ୍ଟ ବିକ୍ରି ପାଇଁ ପଠାଇପାରିବୁ ନାହିଁ। ବୋତଲରେ ଥିବା ଏହି ତାରିଖରୁ ଡିଲର ମାନେ ଲିଭାଇ ଦେଉଥିବେ ବୋଲି ଏକ କମ୍ପାନି ପକ୍ଷରୁ ସୂଚନା ଦିଆଯାଇଛି। କମ୍ପାନିରୁ ଉତ୍ପାଦଟି ବାହାରକୁ ଆସିଲା ପରେ ଏହାକୁ ଡିଲର ନେଇ ଖୁଚୁରା ଦୋକନରେ ଦେଇଥାଏ। ମାଲ ନ ସରିବା ଫଳରେ କୋଲ୍ଡଡ୍ରିଙ୍କର ତାରିଖ ଲିଭାଯାଇ ଦୋକାନରେ ବିକ୍ର ପାଇଁ ଦିଆଯାଉଥିବା ଅଭିଯୋଗ ହେଉଛି। ଖୁଚୁରା ଦୋକାନିମାନେ ବେପାର ଲୋଭରେ ତାରିଖନଥିବା ଜାଣି ମଧ ବିକ୍ରି କରୁଛନ୍ତି। ଏହା ସହ ଚଢା ଦରରେ ମଧ ବିକ୍ରି ହେଉଛି। ଯେଉଁ କାଚ ବୋତଲ କୋଲ୍ଡଡ୍ରିଙ୍କର ଦର ୧୦ ଟଙ୍କା ତାହା ଫ୍ରିଜ ଲାଇନ ଚାର୍ଯ୍ୟ କହି ଅଧିକ ୫ରୁ ୬ ଟଙ୍କା ଅଧିକ ନେଉଛନ୍ତି। ଖାଉଟି ବିଭାଗ ଏଥି ପ୍ରତି ଗୁରୁତ୍ୱ ଦେଉନାହିଁ। ସହରରେ ପ୍ରମୁଖ ସ୍ଥାନରେ କୋଲ୍ଡଡ୍ରିଙ୍କର ଦର ମନ ଇଚ୍ଛା ଦୋକାନିମାନେ ନେଉଛନ୍ତି କିନ୍ତୁ ଏଥିପ୍ରତି ପ୍ରଶାସନର ଧ୍ୟାନ ନାହିଁ।

## ସମ୍ବଲପୁରରେ ସ୍କିଲ୍ ଇଣ୍ଡିଆ ସେଣ୍ଟର ଉଦ୍‌ଘାଟିତ

# ଓଡ଼ିଶାର ଯୁବଶକ୍ତିଙ୍କ ଦକ୍ଷତା ବିକାଶରେ ସହାୟ ହେବ

ସମ୍ବଲପୁର, ୨୦।୨(ସମିସ)

ସମ୍ବଲପୁରଠାରେ ଆଜି ଭାରତର ପ୍ରଥମ ସ୍କିଲ୍ ଇଣ୍ଡିଆ ସେଣ୍ଟର (ଏସ୍‌ଆଇସି)ର ଉଦ୍‌ଘାଟନ ହୋଇଛି। ବିଭାଗୀୟ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ କହିଥିଲେ ଯେ, ଏହି ସେଣ୍ଟର ନୂତନ ଯୁଗର ନେତୃତ୍ୱ ନେଇ ଚାହିଦାଭିତ୍ତିକ ଶିଳ୍ପରେ ଦକ୍ଷତା ବୃଦ୍ଧି କରିବାରେ ସହାୟକ ହେବ। ଏହାସହ ୧୨୦୦ରୁ ଅଧିକ ଛାତ୍ରଛାତ୍ରୀଙ୍କୁ ସଶକ୍ତ କରିବାକୁ ଲକ୍ଷ୍ୟ ରଖିଛି। ଗଣମାଧ୍ୟମ ଓ ମନୋରଞ୍ଜନ, ଚମଡ଼ା, ପର୍ଯ୍ୟଟନ ଓ ଆତିଥେୟତା ଏବଂ ଆଇଟି-ଆଇଟିଇଏସ୍ ଭଳି ଅଧିକ ଚାହିଦା ଥିବା ବାଣିଜ୍ୟରେ ଯୁବ ଶକ୍ତିର ଦକ୍ଷତା ଏବଂ ଜ୍ଞାନ ବୃଦ୍ଧି ପାଇଁ ଏହି ପଦକ୍ଷେପ ନିଆଯାଇଛି। ଏହାବ୍ୟତୀତ ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରଣାଳୟ (ଏମ୍‌ଏସ୍‌ଡି) ର ସଚିବ ଅତୁଲ କୁମାର ତିୱାରୀ ଏବଂ ଏନ୍‌ଏସ୍‌ଡିସି ଇଣ୍ଟରନ୍ୟାସନାଲ୍ ସିଇଓ ତଥା ଏମ୍‌ଡି ବେଦମଣି ତିୱାରୀ ଏହି କାର୍ଯ୍ୟକ୍ରମକୁ ସମ୍ବୋଧିତ କରିଥିଲେ। କେନ୍ଦ୍ରରେ ସର୍ବୋତ୍ତମ ଭିତ୍ତିଭୂମି, ଅତ୍ୟାଧୁନିକ ଜ୍ଞାନକୌଶଳ ଏବଂ ଆଧୁନିକ ସୁବିଧା ରହିଛି। ଗ୍ରାମୀଣ ବିକାଶକୁ ପ୍ରୋତ୍ସାହିତ କରିବା, ସ୍ଥାନୀୟ ଉଦ୍ୟୋଗକୁ ପ୍ରୋତ୍ସାହିତ କରିବା ଏବଂ ସାମାଜିକ-ଅର୍ଥନୈତିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ପାଇଁ ଏହା ସହାୟକ ହେବ। ଏହି ସ୍କିଲ୍ ଇଣ୍ଡିଆ ସେଣ୍ଟରର ଚାହିଦା ଭିତ୍ତିକ କାରବାରରେ ଅଧିକାଂଶ ଯୁବ ଜନତାଙ୍କୁ ନିଯୁକ୍ତିଯୋଗ୍ୟ ଦକ୍ଷତା ପ୍ରଦାନ କରିବ। ଶିଳ୍ପ ବିଶେଷଜ୍ଞଙ୍କ ସହିତ ପାଠ୍ୟକ୍ରମ ଡିଜାଇନ କରିବାରେ ଏସଆଇସି ଏକ



ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। କେନ୍ଦ୍ରରେ ବ୍ୟାପକ ପ୍ରଶିକ୍ଷଣ କାର୍ଯ୍ୟକ୍ରମଗୁଡ଼ିକ ଉପରୋକ୍ତ ଚାକିରି ଭୂମିକାରେ ସର୍ବୋତ୍ତମ ଅଭ୍ୟାସ, ନୂତନ ପଦ୍ଧତି ଏବଂ ଉଦୀୟମାନ ଧାରା ବିଷୟରେ ଅବଗତ କରାଇବ। ତିନି ମାସ ଧରି ଚାଲିବାକୁ ଥିବା ଏହି ଦକ୍ଷତା କାର୍ଯ୍ୟକ୍ରମରେ ୨୪୦ ଜଣ ଯୁବକଙ୍କୁ ଗ୍ରାଫିକ୍ ଡିଜାଇନର, ଷ୍ଟୋରିବୋର୍ଡ ଆର୍ଟିଷ୍ଟ ଏବଂ ଫୁଡ୍ ଆଣ୍ଡ ବେଭରେଜ୍ ସର୍ଭିସେସ୍ ଆସୋସିଏଟ୍ ଭଳି ବିଭିନ୍ନ ଚାକିରି ଭୂମିକାରେ ଦକ୍ଷ ତାଲିମ ଦିଆଯିବ। ପ୍ରଶିକ୍ଷଣ ଇକୋସିଷ୍ଟମର ନିରବଚ୍ଛିନ୍ନ କାର୍ଯ୍ୟକାରିତା ସୁନିଶ୍ଚିତ କରିବା ପାଇଁ, ଜାତୀୟ ଦକ୍ଷତା ବିକାଶ ନିଗମ (ଏନ୍ ଏସ୍ ଡିସି) ଜଣେ କେନ୍ଦ୍ର ପରିଚାଳକଙ୍କୁ ନିଯୁକ୍ତ କରିବ ଯିଏ ପ୍ରଶିକ୍ଷଣ କାର୍ଯ୍ୟକ୍ରମର କାର୍ଯ୍ୟକାରିତା, ଗୁଣାତ୍ମକ ମାନଦଣ୍ଡର ଅନୁପାଳନ ସହ କେନ୍ଦ୍ରର ସାମଗ୍ରିକ କାର୍ଯ୍ୟକାରିତାକୁ ସୁନିଶ୍ଚିତ କରିବ। ଅର୍ଥନୈତିକ ଅଭିବୃଦ୍ଧି କ୍ଷେତ୍ରକୁ ଲକ୍ଷ୍ୟ କରି ଆଗକୁ ଅନୁଗୁଳ, ଭଦ୍ରକ, ଢେଙ୍କାନାଳ, ତାଳଚେରରେ ସ୍କିଲ୍ ଇଣ୍ଡିଆ ସେଣ୍ଟର ଉଦ୍‌ଘାଟିତ ହେବ। ଚଳିତ ବର୍ଷ ପ୍ରାରମ୍ଭରେ କେନ୍ଦ୍ରମନ୍ତ୍ରୀ ସମ୍ବଲପୁର, ଅନୁଗୁଳ ଓ ଦେବଗଡ଼ ଜିଲ୍ଲାରେ ଆଶାୟୀ ପ୍ରାର୍ଥୀଙ୍କୁ ଦକ୍ଷତା ପ୍ରଶିକ୍ଷଣ ଓ ସାର୍ଟିଫିକେଟ୍ ପ୍ରଦାନ କରିବା ଉଦ୍ଦେଶ୍ୟରେ ନିର୍ମିତ କୌଶଳ ରଥ ଅଭିଯାନର ଶୁଭାରମ୍ଭ କରିଥିଲେ। ଏହା ପୂର୍ବରୁ ବିଭିନ୍ନ ପାଠ୍ୟକ୍ରମ ମଡ୍ୟୁଲରେ ୪୦୦୦ ପ୍ରାର୍ଥୀଙ୍କୁ ପ୍ରଶିକ୍ଷଣ ଦେଇସାରିଛି, ଯାହା ଦ୍ୱାରା ଡିଜିଟାଲ ସାକ୍ଷରତା, ଖୁଚୁରା ଏବଂ ଉଦ୍ୟୋଗୀ ଦକ୍ଷତା ଏବଂ ଏହି ଅଞ୍ଚଳର ଅନ୍ତର୍ଭୁକ୍ତ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରାଯାଇଛି। ଜାତୀୟ ଦକ୍ଷତା ବିକାଶ ନିଗମ (ଏନଏସଡିସି) ବିଷୟରେ ଜାତୀୟ ଦକ୍ଷତା ବିକାଶ ନିଗମ (ଏନଏସଡିସି) ହେଉଛି ଦେଶର ଦକ୍ଷତା ଇକୋସିଷ୍ଟମର ମୁଖ୍ୟ ସ୍ଥାପକ। ଏହା ଭାରତ ସରକାରଙ୍କ ଦକ୍ଷତା ବିକାଶ ଓ ଉଦ୍ୟୋଗ ମନ୍ତ୍ରଣାଳୟ (ଏମଏସଡିଇ) ଅଧୀନରେ କାର୍ଯ୍ୟ କରୁଥିବା ଏକ ଅନନ୍ୟ ପବ୍ଲିକ୍ ପ୍ରାଇଭେଟ୍ ପାର୍ଟନରସିପ୍ (ପିପିପି) ଉଦ୍ୟୋଗ। ଘରୋଇ କ୍ଷେତ୍ରର ଅଂଶଗ୍ରହଣ ପାଇଁ ଦକ୍ଷତା ଇକୋସିଷ୍ଟମକୁ ପ୍ରୋତ୍ସାହିତ କରିବା ଏବଂ ଦକ୍ଷ ଧନ୍ଦାମୂଳକ ପ୍ରଶିକ୍ଷଣ ପଦକ୍ଷେପ, ଭାରତର ଯୁବବର୍ଗଙ୍କୁ ସଶକ୍ତ କରିବା ପାଇଁ ଦକ୍ଷତା ଭାରତ ମିଶନର ରଣନୈତିକ କାର୍ଯ୍ୟକାରିତା ଏବଂ ଜ୍ଞାନ ଅଂଶୀଦାର ହେବା ଉଦ୍ଦେଶ୍ୟରେ ଏନଏସଡିସି ପ୍ରତିଷ୍ଠା କରାଯାଇଥିଲା।